## ସଂକ୍ଷେପରେ

### ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ, ଚାଳକ ଗିରଫ

ଟାଙ୍ଗୀ,୨୫।୮ (ରଘୁନାଥ ସାହୁ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ତହସିଲ ଅଞ୍ଚଳରେ ବେଆଇନଭାବେ ମାଙ୍କଡ଼ା ପଥର ଓ ମୋରମ ଖନନ ସହ ଚାଲାଣ କରାଯାଉଛି। ସ୍ଥାନୀୟ ପ୍ରଶାସନ ଓ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଉଥିଲେ ମଧ୍ୟ ଏହି କାରବାର ଥମୁନାହିଁ। ସେହିପରି ଟାଙ୍ଗୀ ନିକଟ ଚାନ୍ଦପୁର ଥାନା ଅନ୍ତର୍ଗତ ବେଣ୍ଟ ଗ୍ରାମ ନିକଟ ଖଣିରେ ଶୁକ୍ରବାର ପୋଲିସ ଚଢ଼ାଉ କରି ଏକ ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଡ୍ରାଇଭର ହେଲେ ଆଲୋକ ଦଳାଇ। ଏନେଇ ଥାନାରେ ଏକ ମାମଲା (ନଂ.୧୪୬/୨୩) ରୁଜୁପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ଜଗଦୀଶ କର କହିଛନ୍ତି।

### ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ସ୍ମୃତିସଭା

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

ଗୋଡ଼ିପୋଖରୀସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ସମଗ୍ର ବ୍ରହ୍ମାକୁମାରୀ ସଂସ୍ଥାର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦୀ ପ୍ରକାଶମଣିଙ୍କ ସ୍ମୃତିସଭା ବ୍ରହ୍ମାକୁମାରୀ ଅନୁରାଧାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ନିକଟ ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମକୁମାରୀ ପାଠଶାଳାରୁ ପ୍ରାୟ ୨ଶହ ଭାଇ ଭଉଣୀ ଯୋଗଦେଇ ବିଶ୍ୱଶାନ୍ତି ପାଇଁ ପରମାତ୍ମାଙ୍କ ନିକଟରେ ପ୍ରାର୍ଥନା କରିବା ସହିତ ଦାଦିଜୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ ଶୁକ୍ରବାରକୁ ବିଶ୍ୱ ବନ୍ଧୁତ୍ୱ ଦିବସ ଭାବେ ପାଳନ କରିଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଦେବରାଜ ସେନାପତି ଯୋଗଦେଇଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଦାଦିଜୀଙ୍କ ମହିମା ଗାନ କରିଥିଲେ। ସେଠାରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

### ଦୋକାନ ତାଲା ଭାଙ୍ଗି ଚୋରି, ଯୁବକ ଗିରଫ

ବାଲିଅନ୍ତା,୨୫।୮ (ନୀଳମାଧବ ସାହୁ)

ଏକ ଗ୍ରୋସେରି ଦୋକାନର ତାଲା ଭାଙ୍ଗି ବାକ୍ସରୁ ୩୬୫୦ ଟଙ୍କା ଚୋରି କରିବା ଅଭିଯୋଗରେ ବାଲିଅନ୍ତା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ନିଆଳି ଥାନା ଅଞ୍ଚଳର ସାଗର ସାହୁ। ଏ ନେଇ ପୋଲିସ ଏକ ମାମଲା (ନଂ.୨୯୭/୨୩) ରୁଜୁ କରି ତଦନ୍ତ ଚଳାଇଛି। ବାଲିଅନ୍ତା ଥାନା ଅନ୍ତର୍ଗତ ଆପଟ ସାହି ଛକରେ ଥିବା ଗ୍ରୋସେରି ଦୋକାନ ଗୁରୁବାର ବନ୍ଦ ଥିଲା। ଅଭିଯୁକ୍ତ ସାଗର ଦୋକାନ ତାଲା ଭାଙ୍ଗି ଭିତରେ ପଶି ବାକ୍ସରୁ ୩୬୫୦ ଟଙ୍କା ଚୋରି କରି ନେଇଥିଲେ। ଏହି ସମୟରେ ଗ୍ରାମର ଜଣେ ଯୁବକ ସ୍ଥାନୀୟ ଲୋକଙ୍କ ସହାୟତାରେ ସାଗରଙ୍କୁ କାବୁ କରିଥିଲେ। ଖବରପାଇ ପୋଲିସ ଓ ଦୋକାନ ମାଲିକ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ନିଜ ହେପାଜତକୁ ନେଇଥିଲେ। ଚୋରି ୩୬୫୦ ଟଙ୍କା ଓ ଏକ ବାଇକ୍ ଜବତ କରିଥିଲେ।

### କୀଟ ନିୟନ୍ତ୍ରଣ ସମ୍ବନ୍ଧିତ କୃଷି ପ୍ରଶିକ୍ଷଣ

ବାଲକାଟୀ,୨୫।୮ (ମନୋଜ ମଣ୍ଡଳ)

ଭୁବନେଶ୍ୱରସ୍ଥିତ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) ଦ୍ୱାରା ପରିଚାଳିତ କୃଷି ମହାବିଦ୍ୟାଳୟ ପକ୍ଷରୁ ରାଜଧାନୀ ଉପକଣ୍ଠ ବାଲକାଟୀସ୍ଥିତ ପୂରଣପ୍ରଧାନ ପଞ୍ଚାୟତ ବାରୁଦଖାନା ଗ୍ରାମରେ ଶୁକ୍ରବାର ସାଇତା ଶସ୍ୟରେ କୀଟ ନିୟନ୍ତ୍ରଣ ସମ୍ବନ୍ଧିତ କୃଷି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶସ୍ୟ ଅମଳର ଅର୍ଦ୍ଧାଧିକ ଭାଗ ଚାଷୀମାନେ ସାଇତି ରଖିଥାନ୍ତି। ଶସ୍ୟଗୁଡିକ ସାଇତି ରହିବା ସମୟରେ ଜଳୀୟ ଅଂଶ ଅଧିକ ରହିଲେ ନାନା ପ୍ରକାର କୀଟମାନେ ଆକ୍ରମଣ କରିଥାନ୍ତି। ଏହି ଆକ୍ରମଣକୁ ପ୍ରତିହତ କରିବା ପାଇଁ ବିହିତ ପଦକ୍ଷେପ ନେବା ଉଚିତ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମକୁ ସୋଆ କୃଷି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ସନ୍ତୋଷ ରାଉତ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ କୀଟତତ୍ତ୍ୱ ବିତ ଡ. ଭୁବନାନନ୍ଦ ଅଧିକାରୀ ସଭାପତିତ୍ୱ କରିଥିଲେ। ସୋଆ ଗ୍ରାମ ସଂଯୋଗୀକରଣ ସଂଯୋଜକ ଡ. ଅଂଶୁମାନ ଜେନା. ଡ. ରାକେଶ ରୋଶନ ଶତପଥୀ ଓ ଡ. ବିଦ୍ୱାନ ରଞ୍ଜନ ସାହୁ ଯୋଗଦେଇଥିଲେ।

# ଡିଲ୍ ବେଳେ ମାଡ଼ିବସିଲା ପୋଲିସ



ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଉଛନ୍ତି।

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

- ୩୧୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୨ ଗିରଫ
- ଧରାପଡ଼ିଲା ପଶ୍ଚିମବଙ୍ଗ ନିଶା ବେପାରୀ

ଖୋର୍ଦ୍ଧାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। କୋଲ୍‌କାତା, ବାଲେଶ୍ୱର, ଜଳେଶ୍ୱର ଆଦି ଅଞ୍ଚଳରୁ ବିଭିନ୍ନ ଗଳାବାଟ ଦେଇ ବ୍ରାଉନ୍‌ସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ଗ୍ରାମାଞ୍ଚଳ ସମେତ ପଡ଼ୋଶୀ ଜିଲାକୁ ଚାଲାଣ ହେଉଛି। ଏଥିରେ ଏକାଧିକ ରାକେଟ କାମ କରୁଛି। ପୋଲିସ, ଅବକାରୀ ଏବଂ ଏସ୍‌ଟିଏଫ୍‌ର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମିବା ପରିବର୍ତ୍ତେ ବଢ଼ିଚାଲିଛି। ଖୋର୍ଦ୍ଧା ପୋଲିସର ଅପରେଶନ ହ୍ୱାଇଟ ସ୍ୱାଇଡରକୁ ମିଳିଛି ସଫଳତା। ଟାଉନ ଥାନା ଅନ୍ତର୍ଗତ ଗୁରୁଜଙ୍ଗ-ହଳଦିଆ ରାସ୍ତାରେ ଥିବା ଏକ ଘରୋଇ କମ୍ପାନୀ ନିକଟରେ ଡିଲ୍ ବେଳେ ପୋଲିସ ଚଢ଼ାଉ କରି ୨ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ପିପିଲି ଥାନା ଦାନଗହୀରର ମହମ୍ମଦ ରହିମ(୨୭) ଏବଂ ପଶ୍ଚିମବଙ୍ଗ ୨୪ ଦକ୍ଷିଣ ପ୍ରଗଣା ବରେଇପୁର ଥାନା ମଲ୍ଲିପୁର ଗ୍ରାମର ଆସିଫ ଖାଁ(୩୮)। ଏମାନଙ୍କଠାରୁ ୩୧୦ ଗ୍ରାମ୍ ବ୍ରାଉନ୍‌ସୁଗାର, ଏକ ପଲ୍‌ସର(ଓଡି୧୩-ଏଫ-୨୦୮୦) ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବ। ଅନ୍ୟ ୪ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଶୁକ୍ରବାର ଟାଉନ ଥାନା ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦର ଏସ୍‌ଡିପିଓ ଦିଲୀପ ଦାସ ଏହି ସୂଚନା ଦେଇଛନ୍ତି। ସୂଚନା ମୁତାବକ, ଉକ୍ତ ରାସ୍ତାରେ ବ୍ରାଉନ୍‌ସୁଗାର ଡିଲ୍ ଚାଲିଥିବା ଖବରପାଇ ଏସ୍‌ଡିପିଓ ଦାସ ଓ ଥାନା ଅଧିକାରୀ ତାରିକ ଅହମ୍ମଦଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ପଲ୍‌ସର, ବ୍ରାଉନ୍‌ସୁଗାର ଜବତ ହୋଇଥିବା ବେଳେ ୨ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଦଫା ୨୧(ସି)/୨୯ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୫୩୨/୨୩) ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଦ୍ୱୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

**୮ମାସରେ ଦେଢ଼ କେଜିରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ଜବତ**

ଖୋର୍ଦ୍ଧା ଟାଉନ ଥାନା ପୋଲିସ ୮ ମାସରେ ୮ଟି ମାମଲା ରୁଜୁ କରିଥିବା ବେଳେ ୨୧ଜଣଙ୍କୁ ଗିରଫ କରିଛି। ୧କେଜି ୬୨୧ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିବା ସଦର ଉପଖଣ୍ଡ ଅଧିକାରୀ ଦିଲୀପ କୁମାର ଦାସ କହିଛନ୍ତି। ସୂଚନା ଅନୁସାରେ, ଗତ ଜାନୁୟାରୀରେ ୩୫୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିବା ବେଳେ ୨ଜଣ ଗିରଫ ହୋଇଥିଲେ। ସେହିପରି ଏହି ମାସରେ ୧୮.୭୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ସହ ୨ଜଣ ଗିରଫ ହୋଇଥିଲେ। ଫେବୃୟାରୀରେ ୫୬୦ ଗ୍ରାମ୍ ଜବତ ସହ ୪ଜଣ ଗିରଫ ହୋଇଥିଲେ। ମାର୍ଚ୍ଚରେ ୧୦ ଗ୍ରାମ୍ ଜବତ ସହ ଜଣେ ଗିରଫ ହୋଇଥିଲେ। ଏପ୍ରିଲରେ ୨୦ ଗ୍ରାମ୍ ଜବତ ସହ ୨ଜଣ ଗିରଫ ହୋଇଥିଲେ। ଜୁନ୍‌ରେ ୭୮.୨୦୦ ଗ୍ରାମ୍ ସହ ୫ଜଣ ଗିରଫ ଏବଂ ୩୨୧ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ସହିତ ୨ଜଣ ଗିରଫ ହୋଇଥିଲେ। ଜୁଲାଇ ମାସରେ ୩ଶହ ଗ୍ରାମ୍ ଜବତ ସହ ୪ଜଣ ଗିରଫ ହୋଇଥିଲେ। ଏଥିସହିତ ଚଳିତ ମାସରେ ୩୧୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ ହୋଇଥିବା ବେଳେ ୨ଜଣ ଗିରଫ ହୋଇଛନ୍ତି।

### 'କମ୍ପ୍ୟୁଟର ବିଜ୍ଞାନର ଅବିଚ୍ଛେଦ୍ୟ ଅଙ୍ଗ'

ବେଗୁନିଆ,୨୫।୮ (ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଭୁଆସୁଣିପାଟଣା ଗ୍ରାମସ୍ଥିତ ୫-ଟି ଉଚ୍ଚ ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷା ବ୍ୟବସ୍ଥା ଶୁକ୍ରବାର ଶୁଭାରମ୍ଭ ହୋଇଛି। ପ୍ରଧାନ ଶିକ୍ଷକ ଡ. ଗଣେଶ୍ୱର ସ୍ୱାଇଁଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଡିଓ ଲକ୍ଷ୍ମୀଧର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମୀ ଦେବୀ ମୁଖ୍ୟ ବକ୍ତା, ବାଘମାରୀ ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ରାଜକିଶୋର ଗଡ଼ବାଡ଼, କୈଳାସ ଚନ୍ଦ୍ର ପଣ୍ଡା, ଆଦିତ୍ୟ ପ୍ରସାଦ ରଥ, ଗୁରେଇ ସାହୁ ଅତିଥିଭାବେ ଉପସ୍ଥିତ ଥିଲେ। କମ୍ପ୍ୟୁଟର ବିଜ୍ଞାନର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ମତପ୍ରକାଶ ପାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଛି। ସ୍କାଉଟ ଶିକ୍ଷକ ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରମୋଦ ଜେନା ଧନ୍ୟବାଦ ଦେଇଥିଲେ। ସମୀର କୁମାର ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ବଂଶୀଧର ଦଳାଇ, ନାରାୟଣ ସାହୁ, ବିପିନ ବିହାରୀ ଜାଲିଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।




କୃଷ୍ଣପ୍ରସାଦ: କ୍ରୀଡାଙ୍ଗନ ତାଲିମ ଶିବିର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅନ୍ୟମାନେ।

### କ୍ରୀଡ଼ାଙ୍ଗନ ତାଲିମ ଶିବିର ଉଦ୍‌ଯାପିତ

କୃଷ୍ଣପ୍ରସାଦ,୨୫।୮ (କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋପୀନାଥ ଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ତିନିଦିନ ଧରି ଚାଲିଥିବା କ୍ରୀଡାଙ୍ଗନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରକୁ ବ୍ଲକ ଶିକ୍ଷା ଅଧିକାରୀ ମଞ୍ଜୁଳି ଚରଣ ଜେନା ଉଦ୍‌ଘାଟନ କରିଥିବା ବେଳେ ଗୋପୀନାଥ ଦେବ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଦେବତା ମୁଖ୍ୟ ଅତିଥି, ବିଆର୍‌ସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ବିଇଓ ସିଦ୍ଧେଶ୍ୱର କରଣ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକର ୨୬ଟି ଉଚ୍ଚ ବିଦ୍ୟାଳୟର କ୍ରୀଡ଼ା ଓ କଳା ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷକଭାବେ ବ୍ରହ୍ମଗିରି ଗଡ଼କୋକଲ ହାଇସ୍କୁଲର ବିପ୍ର ଚରଣ ସାହୁ, ଚିଲିକା ନୂଆପଡା ନାରାୟଣ ବିଦ୍ୟାପୀଠର ଅଶୋକ କୁମାର ସାମଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା ମାଧ୍ୟମରେ ଶିକ୍ଷାଦାନ, କମ ସମୟରେ ଅଧିକ ଛାତ୍ରୀଛାତ୍ର କିପରି କ୍ଷୁଦ୍ର ଖେଳରେ ଅଂଶଗ୍ରହଣ କରିବେ, ପିଲାଙ୍କ ଜୀବନ କୌଶଳର କିପରି ବିକାଶ ଘଟିବ, ସମସ୍ୟାର ସମାଧାନ, ଆତ୍ମସଚେତନତା, ଯୋଗାଯୋଗ, ଆପୋଷ ବୁଝାମଣା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଗୋପୀନାଥ ଦେବ ବିଦ୍ୟାପୀଠ ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ମତ୍ସ୍ୟ, ଛତୁଚାଷ ତାଲିମ ଶିବିର

ବୋଲଗଡ଼,୨୫।୮ (ଦେବବ୍ରତ ହୋତା)

କେନ୍ଦ୍ର ଓ ରାଜ୍ୟ ସରକାର ମହିଳାମାନଙ୍କୁ ରୋଜଗାରକ୍ଷମ କରିବାକୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାଧ୍ୟମରେ ପ୍ରଶିକ୍ଷଣ ଯୋଗାଇ ଦେଉଛନ୍ତି। ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମସ୍ଥିତ ବିପ୍ରାତ ପ୍ରସ୍ତୁତି ଓ ଯୁବାନୁଷ୍ଠାନ ଆନୁକୂଲ୍ୟରେ ଶୁକ୍ରବାର ଖୋର୍ଦ୍ଧା ଜିଲା କୃଷିବିଜ୍ଞାନ କେନ୍ଦ୍ର ଓ ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ମତ୍ସ୍ୟ ଓ ଛତୁଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୦ଜଣ ମହିଳା ଯୋଗଦେବାର କାର୍ଯ୍ୟକ୍ରମ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଯୋଗଦେଇ ତାଲିମ ନେଇଥିଲେ। ପ୍ରଶିକ୍ଷଣ ଶିବିରରେ କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଅଜୟ ଦାସ, ଡ.ପ୍ରଜ୍ଞାନ ରଞ୍ଜନ ସ୍ୱାଇଁ, ବୋଲଗଡ଼ ବ୍ଲକ ଉଦ୍ୟାନ ଓ ମତ୍ସ୍ୟ ବିଭାଗର କର୍ମଚାରୀମାନେ ସହଯୋଗ କରିଥିଲେ। ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ତାଲିମ ଶିବିରକୁ ଆଇଓ୍ୱାଇଡିପି ସଭାପତି ରବିନାରାୟଣ ପଣ୍ଡା, ସୂର୍ଯ୍ୟକାନ୍ତ ମହାପାତ୍ର, ରାଜକିଶୋର ସାହୁ, ଧ୍ରୁବ ଚରଣ ମହାପାତ୍ର ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ପାଇକ ଖଣ୍ଡାୟତ ମହାସଂଘ କାର୍ଯ୍ୟାଳୟ ଫେରାଇବାକୁ ଦାବି

ନିରାକାରପୁର,୨୫।୮ (ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ ସାନରାଉତପଡ଼ା ପଞ୍ଚାୟତ ମୂଳିଝର ଗଡ଼ଠାରେ ରହିଛି ମା' ଉଗ୍ରତାରାଙ୍କ ପୀଠ। ଶୁକ୍ରବାର ୬ ଦଫା ଦାବିରେ ମା' ଉଗ୍ରତାରା ପାଇକ ଖଣ୍ଡାୟତ ମହାସଂଘ ପକ୍ଷରୁ ପୀଠ ପରିସରରେ ଥିବା ଉକ୍ତ ମହାସଂଘ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଥିଲା। ଟାଙ୍ଗୀ ତହସିଲଦାରଙ୍କ ନିର୍ଦ୍ଦେଶରେ ଭୂଷଣ୍ଡପୁର ଫାଣ୍ଡି ପୋଲସ ପହଞ୍ଚି ଧାରଣାକାରୀଙ୍କୁ ବୁଝାଶୁଝା କରିବା ସହ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ମହାସଂଘ ଦାବି ଅନୁଯାୟୀ, ପ୍ରାୟ ୬୦ ପରିବାର ଉଗ୍ରତାରାଙ୍କ ପୀଠରେ ପାଇକ ସେବକଭାବେ କାର୍ଯ୍ୟ କରିଆସୁଛନ୍ତି। ମା'ଙ୍କର ସମସ୍ତ ପର୍ବପର୍ବାଣିରେ ଦାୟିତ୍ୱ ତୁଲାଉଥିବା ବେଳେ ବହୁ ବର୍ଷ ହେବ ପାଇକ ମହାସଂଘ ନିଜସ୍ୱ ଅର୍ଥରୁ ପୀଠ ପରିସରରେ ଦୁଇ ବଖରା ପକ୍କାଘର ନିର୍ମାଣ କରିଥିଲା। ତେବେ ମା'ଙ୍କ ପୀଠ ଯେତେବେଳେ ଏଣ୍ଡାଓମେଣ୍ଟ କମିଶନ ହାତକୁ ଗଲା, ସେତେବେଳେ ମନ୍ଦିରର କାର୍ଯ୍ୟାଳୟ ଆବଶ୍ୟକ ପଡ଼ିବାରୁ ପ୍ରଶାସନ ଉକ୍ତ ଦୁଇ ବଖରାକୁ ଅସ୍ଥାୟୀଭାବେ କାର୍ଯ୍ୟାଳୟ କରିଥିଲା। ତେବେ ପରବର୍ତ୍ତୀ ସମୟରେ ମନ୍ଦିରର ସ୍ୱତନ୍ତ୍ର କାର୍ଯ୍ୟାଳୟ ନିର୍ମାଣ ହୋଇଥିଲା। ଏହା ପରେ ମହାସଂଘ ପକ୍ଷରୁ ହୋଇଥିବା ଦୁଇ ବଖରାକୁ ଫେରାଇବାକୁ ସଂଘ ପକ୍ଷରୁ ଜିଲାପାଳ, ଉପଜିଲାପାଳ, ତହସିଲଦାର, ଏଣ୍ଡାଓମେଣ୍ଟ କମିଶନରଙ୍କ ନିକଟରେ ଦାବି କରାଯାଇଥିଲେ ମଧ୍ୟ ସୁଫଳ ମିଳିଲାନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସଂଘ ପକ୍ଷରୁ ୬ଦଫା ଦାବିରେ ଧାରଣା ଦିଆଯାଇଥିଲା। ଦୁଇ ବଖରା ଘର ଫେରସ୍ତ, ମନ୍ଦିର ସୁରକ୍ଷା ନିମନ୍ତେ ସିକ୍ୟୁରିଟି ଗାର୍ଡ, କମ୍ପ୍ୟୁଟର ଅପରେଟର, ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଦୁଇଜଣଙ୍କୁ ଦାୟିତ୍ୱ ଦିଆଯାଉ ଆଦି ଦାବି ରହିଛି। ମହାସଂଘର ସଭ୍ୟ ଚରଣ ପାଇକରାୟ କୁହନ୍ତି, ପାଇକମାନେ ରାଜରାଜୁଡ଼ା ଅମଳରୁ ମା'ଙ୍କ ସେବା କରିଆସୁଛୁ। ପୀଠ ପରିସରରେ ନିର୍ମାଣ ହୋଇଥିବା ମହାସଂଘର ଘରକୁ ବର୍ତ୍ତମାନ ପର୍ଯ୍ୟନ୍ତ ହସ୍ତାନ୍ତର କରିନାହାନ୍ତି। ଟାଙ୍ଗୀ ଓ ଭୂଷଣ୍ଡପୁର ପୋଲିସ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ବୋଲି ସେ ପ୍ରକାଶ କରିଛନ୍ତି।



ପାଇକ ଖଣ୍ଡାୟତ ମହାସଂଘ ପକ୍ଷରୁ ଧାରଣା ଦିଆଯାଇଛି।

### ଲେଭଲ କ୍ରସିଂ ରାସ୍ତା ମରାମତି, ଯାତାୟାତ ବାଧାପ୍ରାପ୍ତ




ଟାଙ୍ଗୀ,୨୫।୮ (ରଘୁନାଥ ସାହୁ)

ପୂର୍ବତଟ ରେଲୱେ ଅନ୍ତର୍ଗତ କୁହୁଡ଼ି ଲେଭଲ କ୍ରସିଂ ରାସ୍ତା ମରାମତି କାର୍ଯ୍ୟ ଶୁକ୍ରବାର କର୍ମଚାରୀମାନେ ଆରମ୍ଭ କରିଥିଲେ। ଏନେଇ ରେଲୱେ ପକ୍ଷରୁ କୌଣସି ସୂଚନା ଦିଆଯାଇ ନ ଥିବାରୁ ରତନପୁର, ସୋରଣ, ମାନସିଂହପୁର ପଞ୍ଚାୟତବାସୀ ଯାତାୟାତ କରିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବିଶେଷକରି ସ୍କୁଲ, କଲେଜକୁ ଯାଉଥିବା ଛାତ୍ରୀଛାତ୍ର ଓ ରୋଗୀ ହଇରାଣ ହୋଇଥିଲେ। ସେଠାରେ ମରାମତି କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କେତେ ସମୟ ପରେ ଲେଭଲ କ୍ରସିଂ ଗେଟ୍ ଖୋଲିବ ପଚାରିଲେ କେହି ଉତ୍ତର ଦେଇ ନ ଥିଲେ। ତେବେ ଜନସାଧାରଣଙ୍କ ପକ୍ଷରୁ ରମେଶ ନାଇଡୁ ନାମକ ଜଣେ ଯୁବକ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଇମେଲ ଜରିଆରେ ସମସ୍ୟା ସମ୍ପର୍କରେ ଜଣାଇଥିଲେ। ଜନସାଧାରଣଙ୍କ ଯାତାୟାତ ପାଇଁ ସୁବିଧା ନ କରି ହଠାତ୍ ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଆଯିବାକୁ ସାଧାରଣରେ ନାପସନ୍ଦ କରାଯାଇଛି।

## ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

ଭବିଷ୍ୟତରେ ବୈଜ୍ଞାନିକ ହେବାର ଲକ୍ଷ୍ୟ ନେଇ ସିଗ୍‌ମା ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଅନୁଷ୍ଠାନ ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ ସ୍କିଷ୍ଟ୍ରମ କାର୍ଯ୍ୟକ୍ରମକୁ ପିଏନ୍ କଲେଜର ପଦାର୍ଥ ବିଜ୍ଞାନ ପ୍ରାଧ୍ୟାପକ ସୁବୋଧ କୁମାର ଜଗଦ୍ଦେବ ଉଦ୍‌ଘାଟନ କରି କହିଥିଲେ, ସମାଜ କଲ୍ୟାଣରେ ଲାଗୁଥିବା ପ୍ରକଳ୍ପଗୁଡ଼ିକ ବିଜ୍ଞାନ ପ୍ରଦର୍ଶନୀରେ ସ୍ଥାନିତ ହେବା ଉଚିତ୍। ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନେଇ କାର୍ଯ୍ୟ କଲେ ସଫଳତା ହାସଲ କରିପାରିବ ବୋଲି ଜଗଦ୍ଦେବ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରିବେଶ ସ୍ୱଚ୍ଛତା, ଜଳ ସଂରକ୍ଷଣ, ବିଦ୍ୟୁତ୍ ସଞ୍ଚୟ, ମାନବ ଶରୀରର ହୃଦ୍ ସ୍ପନ୍ଦନ ଆଦି ବିଷୟରେ ଏସ୍.କେ. ମନୋହର ହୁସେନ, ସତ୍ୟବ୍ରତ ପଟ୍ଟନାୟକ, ଆଦ୍ୟାଶ୍ରୀ ମହାପାତ୍ର, ଜଗତଜ୍ୟୋତି ସାହୁ, ଶୁଭଲକ୍ଷ୍ମୀ ସାହୁ, ଶ୍ରେୟନଶ୍ରୀ ପଟ୍ଟନାୟକ, ସୁମନ ଜେନା, ସାଇ ଆଶିଷ ପରିଡ଼ା, ଯିନିତ ଦାସଙ୍କ ଦ୍ୱାରା ପ୍ରଦର୍ଶିତ ଶ୍ରେଷ୍ଠ ପ୍ରକଳ୍ପକୁ ମୁଖ୍ୟ ଅତିଥି, ଅନୁଷ୍ଠାନର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଅଧକ୍ଷାଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲା। ତୁଷାର ରଞ୍ଜନ ମହାନ୍ତି, ବିରଞ୍ଚି ନାରାୟଣ ମିଶ୍ର, ସୁନୀତା ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ମାଟି ଷ୍ଟୋନ୍ ରାଖୀର ଚାହିଦା ଅଧିକ

ଖୋର୍ଦ୍ଧା,୨୫।୮ (ପ୍ରଭାତ ପାଣିଗ୍ରାହୀ)

- ମିଳୁଛି ମାଟି, ତାଳପତ୍ର, ଝୋଟ, ଧାନର ରାଖୀ
- ୨ରୁ ୮୦ ଟଙ୍କା ପର୍ଯ୍ୟନ୍ତ ରହିଛି ଦର



ଆଉ ଦିନ କେଇଟା ପରେ ରକ୍ଷାବନ୍ଧନ ଉତ୍ସବ। ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ରହିଛି ଉତ୍ସାହ। ଖୋର୍ଦ୍ଧା ବଜାରରେ ଛାଇଗଲାଣି ରାଖୀର ପସରା। ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲଠାରେ ଓରମାସ ସହାୟତାରେ ଗୋଡିପଡା ସ୍ଥିତ ସାଇ ବାବା ପ୍ରଡ୍ୟୁସର ଗ୍ରୁପ ନିଆରା ରାଖୀ ବଜାର ଖୋଲିଛି। ଜଳବାୟୁ ଏବଂ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଗ୍ରୁପର ମହିଳାମାନେ ପ୍ରସ୍ତୁତ କରିଛନ୍ତି 'ଇକୋ ଫେଣ୍ଡଲି ରାଖୀ'। ମାଟି, ଧାନ, ମୁଗ, ବିରି, ଝୋଟ, ତାଳପତ୍ରରେ ପ୍ରାୟ ୪୦ରୁ ୫୦ ପ୍ରକାର ରାଖୀ ପ୍ରସ୍ତୁତ କରିଛନ୍ତି। ତେବେ ଏହାର ଭିତରେ ମାଟି ତିଆରି ରାଖୀର ବେଶ ଚାହିଦା ରହିଛି। ମାଟିରେ ପ୍ରାୟ ୧୦ରୁ ୧୫ ପ୍ରକାର ଭିନ୍ନ ଭିନ୍ନ ଡିଜାଇନ ପଥର ଦେଇ ରାଖୀ ପ୍ରସ୍ତୁତ କରାଯାଇଛି। ଗ୍ରାହକଙ୍କ ଏହା ବେଶ ପସନ୍ଦ ହୋଇଛି। ସେହିଭଳି ତାଳପତ୍ରରେ ପ୍ରଜାପତି, ଜଗନ୍ନାଥଙ୍କ ଚକାଆଖି, ଧାନ ଓ ଝୋଟ ରାଖୀ ପ୍ରସ୍ତୁତ କରାଯାଇଛି। ସୂତା ଏବଂ ଉଲେନରେ ମଧ୍ୟ ପ୍ରସ୍ତୁତ ରାଖୀ ରହିଛି। ଏହି ଗ୍ରୁପର ସଭାନେତ୍ରୀ ପ୍ରମିଳା ମହାପାତ୍ର କହିଛନ୍ତି, ଗତ ୫ବର୍ଷ ହେବ ରାଖୀ ବେପାର କରାଯାଉଛି। ପ୍ରତିବର୍ଷ କିଛି ନା କିଛି ନୂତନତ୍ୱ ନେଇ ରାଖୀ ପ୍ରସ୍ତୁତ କରାଯାଉଥିବା ବେଳେ ଚଳିତ ବର୍ଷ ମାଟି ଷ୍ଟୋନ ରାଖୀର ବେଶ ଚାହିଦା ରହିଛି। ଚଳିତବର୍ଷ ୨ଟଙ୍କାରୁ ଆରମ୍ଭ କରି ୮୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ମାଟି ରାଖୀ ୧୦ ଟଙ୍କାରୁ ୫୦ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ଗ୍ରୁପର ସମ୍ପାଦିକା ସକ୍କୁନ୍ତଳା ପାଟ୍ଟଶାଣୀ କହିଛନ୍ତି, ୪୦ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତିନିମାସ ହେବ ୩୦ଜଣ ସଦସ୍ୟ ଏହି କାର୍ଯ୍ୟରେ ଲାଗି ପ୍ରସ୍ତୁତ କରିଛନ୍ତି। ସମସ୍ତଙ୍କ ସହଭାଗିତାରେ ଚଳିତବର୍ଷ ଇକୋ ଫେଣ୍ଡଲି ରାଖୀ ପ୍ରସ୍ତୁତ କରାଯାଇଛି। ପୂର୍ବରୁ ଧାନ, ଝୋଟ, ମୁଗ, ବିରିରେ ପ୍ରସ୍ତୁତ କରାଯାଉଥିବା ବେଳେ ଚଳିତବର୍ଷ ପରୀକ୍ଷାମୂଳକ ଭାବେ ତାଳପତ୍ର ଏବଂ ମାଟିରେ ରାଖୀ ପ୍ରସ୍ତୁତ କରାଯାଇଛି। ମାଟିରେ କପାସ(ତୂଳା)ଓ ଅନ୍ୟ ସାମଗ୍ରୀ ମିଶ୍ରଣ କରାଯାଇ ନୂତନ ଜ୍ଞାନକୌଶଳରେ ତୁମ୍ପିକି, ଛୋଟବଡ ଷ୍ଟୋନ ଦିଆଯାଇ ପ୍ରସ୍ତୁତ କରାଯାଇଛି। ପରେ ମାଟିରେ ଫୁଲ, ପ୍ରଜାପତି, ଗୋଲାକାର, ଟିକିରି, ବର୍ଗକାର ଆଦି ବିଭିନ୍ନ ପ୍ରକାରରେ ଆକର୍ଷଣୀୟ କରାଗଲା। ଗ୍ରାହକଙ୍କ ପସନ୍ଦକୁ ଦୃଷ୍ଟିରେ ରାଖୀ ପ୍ରସ୍ତୁତ କରାଯାଇଛି। ଚଳିତବର୍ଷ ସବୁଠାରୁ ଆକର୍ଷଣୀୟ ଏବଂ ଗ୍ରାହକଙ୍କ ବେଶ ଆଗ୍ରହ ରହିଛି। ଉଦ୍ୟୋଗୀ ମିତ୍ର ହେମଲତା ମିଶ୍ର କହିଛନ୍ତି, ଗ୍ରୁପ ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ, ସହଭାଗିତାରେ ଏହା ସମ୍ଭବ ହୋଇପାରିଛି। ଚଳିତ ବର୍ଷ ମାଟି, ତାଳପତ୍ର ବ୍ୟତୀତ ସୂତାର ବିଭିନ୍ନ ଭେରାଇଟି ରାଖୀ ମଧ୍ୟ କରାଯାଇଛି। ବଜାର ଦର ଅପେକ୍ଷା ସାଇ ବାବା ପ୍ରଡ୍ୟୁସର ଗ୍ରୁପ ପ୍ରସ୍ତୁତ ରାଖୀର ଦାମ ଅପେକ୍ଷାକୃତ କମ୍ ରହିଛି। ଶେଷ ଦୁଇଦିନ ବେଶ ବେପାର ଜମିବ ବୋଲି ଆଶା ରହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୬ ଅଗଷ୍ଟ, ୨୦୨୩



### ଡେଲାଙ୍ଗ ଷ୍ଟେଶନ ବଜାରରୁ ସିରିଜ୍ ଚୋରି

ଡେଲାଙ୍ଗ (ରଶ୍ମିରଞ୍ଜନ ପ୍ରଧାନ)- ଡେଲାଙ୍ଗ ଷ୍ଟେଶନ ବଜାରରୁ ଗୁରୁବାର ରାତିରେ ସିରିଜ୍ ଚୋରି ହୋଇଛି। ସୂଚନା ଅନୁଯାୟୀ ଗୁରୁବାର ରାତିରେ କୌଣସି ଦୁର୍ବୃତ୍ତ ରାତ୍ର ୧୨ଟା ସମୟରେ ମୁହଁରେ ଗାମୁଛ ଭିଡି ୪ଟି ଦୋକାନରୁ ଚୋରି କରିଥିବା ସିସିଟିଭି ଫୁଟେଜରୁ ଜଣାପଡିଛି। ଡେଲାଙ୍ଗ ଷ୍ଟେସନ ବଜାର ତେଜରାତି ଦୋକାନୀ ଦେବ ନାୟକ, ପୂର୍ଣ୍ଣଚନ୍ଦ୍ର ରଥ, ମେଡିସିନ୍ ଷ୍ଟୋର ଅଶୋକ ତାଡ, ପାନଦୋକାନୀ ଦିବାକର ସ୍ୱାଇଁଙ୍କ ଦୋକାନରେ ଥିବା ପାଖାପାଖି ୨୪ ହଜାର ଟଙ୍କା ଓ କାଜୁ, ପିସ୍ତା, ଖିସମିସ୍ ପ୍ରଭୃତି ଜିନିଷ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏହା ସହିତ ୫ଟି ସିସିଟିଭି କ୍ୟାମେରାକୁ ମଧ୍ୟ ଦୁର୍ବୃତ୍ତ ଭାଙ୍ଗିଦେଇଛି। ତେବେ ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବାକୁ ଦୋକାନୀମାନେ ଦାବି କରିଛନ୍ତି।




୨୫।୮।୨୦୨୩

୩,୩୦,୮୦୩ ଟଙ୍କା

# ବାଡ଼ିନୃସିଂହଙ୍କ ଚାରି ଆଶ୍ରମ ବିଜେ

ପୁରୀ, ୨୫।୮ (ଅଜିତ ମହାନ୍ତି):

ଶ୍ରାବଣ ମାସ ଶୁକ୍ଳପକ୍ଷ ନବମୀ ତିଥି ଶୁକ୍ରବାର ଅବସରରେ ବାଡ଼ିନୃସିଂହଙ୍କ ଶ୍ରୀକ୍ଷେତ୍ରର ଚାରି ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ବାଡ଼ରେ ଖଣ୍ଡିଏ ଅଧିକ ଆଜ୍ଞାମାଳ ଲାଗିକରାଯାଇଥିଲା। ବାଡ଼ିନୃସିଂହ ଦକ୍ଷିଣୀଘରୁ ମହାଜନ ସେବକଙ୍କ ହାତରେ ଭିତରକୁ ଓ ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ମୁକ୍ତିମଣ୍ଡପ ନିକଟ ବିମାନକୁ ବିଜେ କରିଥିଲେ। ଠାକୁରଙ୍କ ରୁନ୍ଧାକାର୍ଯ୍ୟ ସହ ଅନ୍ୟ ନୀତି ସମ୍ପନ୍ନ ପରେ ସେବାୟତ ଓ ବିମାନବଡୁ ସେବକମାନେ ବାଡ଼ିନୃସିଂହଙ୍କୁ ଶ୍ରୀକ୍ଷେତ୍ରରେ ଥିବା ମହର୍ଷି ମାର୍କଣ୍ଡେୟ, ମହର୍ଷି କଣ୍ଡୁ, ମହର୍ଷି ଭୃଗୁ ଓ ମହର୍ଷି ଅଙ୍ଗିରାଙ୍କ ଆଶ୍ରମକୁ ବିଜେ କରାଇଥିଲେ। ସେଠାରେ ଠାକୁରଙ୍କ ବିଭିନ୍ନ ନୀତି ହୋଇ ଶୀତଳ ଭୋଗ ମଣୋହୀ ଓ ବନ୍ଦାପନା କରାଯାଇଥିଲା। ଏଥିସହ ନଗର ପରିକ୍ରମା ସମୟରେ ବିଭିନ୍ନ ମଠ, ଆଖଡ଼ା, ଦେବାଳୟ ଆଦି ପକ୍ଷରୁ ପ୍ରାୟ ୪୨ଟି ସ୍ଥାନରେ ନୃସିଂହ ଦେବଙ୍କୁ ପନ୍ତିଭୋଗ କରାଯାଇଥିଲା। ନଗର ପରିକ୍ରମା ସାରି ନୃସିଂହ ଦେବ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

କିମ୍ବଦନ୍ତୀ ଅନୁଯାୟୀ, ୧୯୦୩ରୁ ୧୯୦୫ ମସିହା ମଧ୍ୟରେ ପୁରୀରେ ମହାମାରୀ ହଇଜା ବ୍ୟାପିଥିଲା। ଏହି ସମୟରେ ମୁକ୍ତିମଣ୍ଡପ ବ୍ରାହ୍ମଣ ଓ ସେବାୟତମାନେ ମହାପ୍ରଭୁଙ୍କ ଶରଣ ପଶିଥିଲେ। ନୃସିଂହଦେବଙ୍କୁ ନଗର ପରିକ୍ରମା କରାଇଲେ ମହାମାରୀ ହଇଜା ଶ୍ରୀକ୍ଷେତ୍ରରୁ ଦୂର ହେବ ବୋଲି ମହାପ୍ରଭୁଙ୍କ ସ୍ୱପ୍ନାଦେଶ ହୋଇଥିଲା। ସେହି ଅନୁଯାୟୀ, ସେବାୟତମାନେ ନୃସିଂହଦେବଙ୍କୁ ନଗର ପରିକ୍ରମା କରାଇବା ପରେ ଶ୍ରୀକ୍ଷେତ୍ରରୁ ହଇଜା ଲୋପ ପାଇଯାଇଥିଲା ବୋଲି ବିଶ୍ୱାସ ରହିଛି। ନୃସିଂହ ଦେବ ନଗର ବୁଲି ବାଡ଼ି ବା ହଇଜା ଦୂର କରିଥିବାରୁ ସେ ବାଡ଼ିନୃସିଂହ ନାମରେ ବିଦିତ ହେଲେ। ସେହିଦିନଠାରୁ ଶ୍ରୀମନ୍ଦିରରେ ବାଡ଼ିନୃସିଂହ ପରମ୍ପରା ଚାଲି ଆସୁଛି। ବର୍ଷକରେ ଦୁଇଥର ବାଡ଼ିନୃସିଂହ ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ ସହ ନଗର ପରିକ୍ରମା କରିଥାନ୍ତି।



# ମାରଣାସ୍ତ୍ର ଦେଖାଇ ବଟି ମାଗୁଥିବା ୫ ଗିରଫ


ଗିରଫ ଅଭିଯୁକ୍ତ ।


ଜବତ ମାରଣାସ୍ତ୍ର ଏବଂ ଅନ୍ୟ ସାମଗ୍ରୀ ।

ନିମାପଡ଼ା, ୨୫।୮ (ବିଚିତ୍ରାନନ୍ଦ ସାହୁ)

**କାର୍, ମାରଣାସ୍ତ୍ର, ୩ ମୋବାଇଲ, ଟଙ୍କା ଜବତ**

ଚାରିଛକ ଥାନା ପୋଲିସ ଗୁରୁବାର ରାତିରେ ପାଟ୍ରୋଲିଂ କରୁଥିବା ବେଳେ ମାରଣାସ୍ତ୍ର ଦେଖାଇ ଲୋକଙ୍କୁ ବଟି ମାଗୁଥିବା ୫ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଲସାହି ଗ୍ରାମର ଦେବାଶିଷ ଜେନା, ଚାରିଛକ ଥାନା ଅନ୍ତର୍ଗତ ବ୍ରହ୍ମକୁଣ୍ଡି ଗ୍ରାମର ସୂର୍ଯ୍ୟ ନାରାୟଣ ବେହେରା, ମନୋରଞ୍ଜନ ବେହେରା, ବାଇଦିପଡ଼ା ଗ୍ରାମର ଜ୍ଞାନରଞ୍ଜନ ମିଶ୍ର, ହାଣ୍ଡିଆପଡ଼ା ଗ୍ରାମର ଅନନ୍ତ ଭୋଇ। ଏହି ୫ଜଣଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ନାମଞ୍ଜୁର କରିବାରୁ ସେମାନଙ୍କୁ ଜେଲକୁ ପଠାଯାଇଛି। ପୋଲିସ ସେମାନଙ୍କଠାରୁ ଓଡି ୧୦ କ୍ୟୁ ୬୦୩୪ ନଂ. ବିଶିଷ୍ଟ କାର୍, ଖଣ୍ଡା, କଟୁରି, ଲୁହାରଡ, ୩ ମୋବାଇଲ ଫୋନ, ୩୭୦ ଟଙ୍କା ଜବତ କରିଛି। ଖବର ଅନୁଯାୟୀ, ଏହି ୫ଜଣ ଯୁବକ କାର୍‌ରେ ଆସି ଗୁରୁବାର ରାତିରେ ଚାରିଛକ-କାକଟପୁର ରାସ୍ତାର ତୁଳସୀପୁର ଛକ ନିକଟସ୍ଥ ହାଣ୍ଡିଆପଡ଼ା ଡାଲି ମିଲ୍ ନିକଟ ମୁଖ୍ୟ ରାସ୍ତାରେ ଉପରେ ଆତଙ୍କ ସୃଷ୍ଟି କରୁଥିଲେ। ଏଥିସହ ଯାତାୟାତ କରୁଥିବା ଲୋକ ଓ ଯାନବାହନଙ୍କୁ ଅଟକାଇ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଧମକ ଦେଇ ଦାଦାବଟି ଆଦାୟ କରୁଥିଲେ। ବିଶେଷ ସୂତ୍ରରୁ ଖବରପାଇ ଏସ୍‌ପି ଡ.କନଓ୍ୱର ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସ୍‌ଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସ୍‌ଆଇ ପ୍ରକାଶ ମହାନ୍ତି ପ୍ରମୁଖ ଉକ୍ତ ସ୍ଥାନରେ ଚଢ଼ାଉ କରି ଉକ୍ତ ୫ଜଣଙ୍କୁ ଗିରଫ କରିଥିଲେ।

## ସଂକ୍ଷେପରେ

### ଯୌତୁକ ପାଇଁ ମହିଳାଙ୍କୁ ନିର୍ଯାତନା

ନିମାପଡ଼ା, ୨୫।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ମହିଳାଙ୍କୁ ଅଧିକ ଯୌତୁକ ଆଣିବା ଦାବିକରି ନିର୍ଯାତନା ଦେବା ଓ ହତ୍ୟା ଧମକ ଦିଆଯାଉଥିବା ନେଇ ସ୍ୱାମୀଙ୍କ ନାମରେ ଅଭିଯୋଗ କରିଛନ୍ତି। ଏପରିକି ମହିଳାଙ୍କ ସାନ ଭଉଣୀଙ୍କ ସହ ତାଙ୍କ ସ୍ୱାମୀ ଅନୈତିକ ସମ୍ପର୍କ ରଖୁଥିବାବେଳେ ସ୍ତ୍ରୀ ଓ ପିଲାଙ୍କୁ ମାଡ଼ ମାରୁଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିକି ସ୍ୱାମୀଙ୍କ ନିର୍ଯାତନା ସହି ନ ପାରି ମହିଳା ଜଣକ ବାପଘରେ ଥିବାବେଳେ ଗୁରୁବାର ଭାଇଙ୍କ ସହ ଶାଶୁଘରକୁ ଝିଅର ପ୍ରମାଣପତ୍ର, ଆଧାରକାର୍ଡ ଆଣିବାକୁ ଯାଇଥିବାବେଳେ ସ୍ୱାମୀ ଗାଳିଗୁଲଜ କରି ଘରୁ ବାହାର କରିଦେଇଥିବା କହିଛନ୍ତି। ପ୍ରକାଶ ଯେ, ୨୦୦୮ରେ ନିମାପଡ଼ା ଅଞ୍ଚଳର ଯୁବକଙ୍କ ଉକ୍ତ ମହିଳାଙ୍କ ବିବାହ ହୋଇଥିଲା। ବିବାହ ସମୟରେ ବିଭିନ୍ନ ଆସବାବପତ୍ର ଦିଆଯାଇଥିଲା। ହେଲେ କିଛି ମାସ ପରେ ବାପଘରୁ ୧ ଲକ୍ଷ ଟଙ୍କା ଯୌତୁକ ଆଣିବା ପାଇଁ ମହିଳାଙ୍କୁ କହିଥିଲେ। ସେ ମନା କରିବାରୁ ତାଙ୍କ ସ୍ୱାମୀ ନାନା ନିର୍ଯାତନା ଦେବାରୁ ଶେଷରେ ମହିଳା ବାପଘରେ ଆଶ୍ରୟ ନେଉଛନ୍ତି।

### ବେଆଇନ ପଥର ବୋଝେଇ ଟ୍ରକ ଜବତ, ଡ୍ରାଇଭର ଗିରଫ

ବଳଙ୍ଗା, ୨୫।୮ (କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଭଗତୀପୁର ବଜାରଠାରେ ବେଆଇନ ଭାବେ ପଥର ଚୋରାଚାଲାଣ କରୁଥିବା ଏକ ଟ୍ରକକୁ ପୋଲିସ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ସେ ହେଲେ ପିପିଲି ଥାନା ଅନ୍ତର୍ଗତ କଣ୍ଟି ଗ୍ରାମର ସନ୍ତୋଷ ବେହେରା (୩୦)। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ଖେଲାରରୁ ଦାୟାର ରାସ୍ତାର ଭଗତୀପୁର ବଜାରଠାରେ ଶୁକ୍ରବାର ପୋଲିସ ପକ୍ଷରୁ ଯାନବାହାନ ଚେକିଂ କରାଯାଉଥିଲା। ଏହି ସମୟରେ (ଓଆର୍ ୦୯ ଡି ୯୮୯୧) ନମ୍ବର ବିଶିଷ୍ଟ ଏକ ପଥର ବୋଝେଇ ଟ୍ରକକୁ ଏଏସ୍‌ଆଇ ପ୍ରଶାନ୍ତ ବେହେରା ଯାଞ୍ଚ କରିବାରୁ କାଗଜପତ୍ର ଦେଖାଇପାରି ନ ଥିଲେ। ଏଥିସହ ପଥର ମଧ୍ୟ ବେଆଇନ ଭାବେ ନେଉଥିବା ଜଣାପଡ଼ିବା ପରେ ଗାଡ଼ିକୁ ଜବତ କରି ଥାନାକୁ ଆଣିଥିଲେ। ଡ୍ରାଇଭର ସନ୍ତୋଷଙ୍କୁ ପୋଲିସ ଗିରଫ କରିଥିଲା।


ନିମାପଡ଼ାର ବାହାରେଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଭାଜପା ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଭାଜପାର ବିକ୍ଷୋଭ

ନିମାପଡ଼ା, ୨୫।୮ (ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରେଣା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଭାଜପା ପକ୍ଷରୁ ବିଭିନ୍ନ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର, କଳଙ୍କିତ ଶାସନ ବିରୋଧରେ ଏହି ଗଣଆନ୍ଦୋଳନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଆନ୍ଦୋଳନସ୍ଥଳରେ ଏକ ପ୍ରତିବାଦ ସଭା ହୋଇଥିଲା। ସଭାରେ ଅତିଥି ଭାବେ ଭାଜପାର ବରିଷ୍ଠ ନେତା ପ୍ରଭାତି ପରିଡ଼ା, ପୂର୍ଣ୍ଣଚନ୍ଦ୍ର ଓଝା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଭଗବାନ ମିଶ୍ର, ଅକ୍ଷୟ ପଡ଼ିଆରୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଅଭୟ ନାୟକ, ଦୁର୍ଯ୍ୟୋଧନ ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାରୀ, ଦୁର୍ନୀତିଗ୍ରସ୍ତ ଶାସନକୁ ତୀବ୍ର ସମାଲୋଚନା କରିଥିଲେ। ଏହି ଗଣଆନ୍ଦୋଳନରେ ଭାଜପା ଦଳର ବହୁ ବରିଷ୍ଠ ମହିଳାନେତ୍ରୀ, କର୍ମୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ, ପଦଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ପଞ୍ଚାୟତର ଅଟେଇହୁଡ଼ା ଗ୍ରାମଠାରୁ ଶତାଧିକ କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ବିଭିନ୍ନ ଗ୍ରାମ ପରିକ୍ରମା କରି ଆନ୍ଦୋଳନସ୍ଥଳରେ ପହଞ୍ଚିଥିଲେ। ଏହି ଅବସରରେ ଦଳ ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପଞ୍ଚାୟତର ଜିଆର୍‌ଏସ୍‌ଙ୍କୁ ପ୍ରଦାନ କରାଯାଇଥିଲା।

# ନାବାଳକ ବାଇକ୍ ଚାଳକଙ୍କୁ ୧୦ ହଜାର ଟଙ୍କା ଜରିମାନା

ପୁରୀ, ୨୫।୮ (ଅଜିତ ମହାନ୍ତି ):

**ମୋଟରଯାନ ଆଇନ ଉଲ୍ଲଂଘନ**

ଆଞ୍ଚଳିକ ପରିବହନ ବିଭାଗ ପୁରୀ ପକ୍ଷରୁ ମୋଟରଯାନ ସଂଶୋଧିତ ଆଇନ ଉଲ୍ଲଂଘନ କରୁଥିବା ଚାଳକଙ୍କ ଉପରେ ଚଢ଼ାଉ ଅଭିଯାନ ଜାରି ରହିଛି। ପରିବହନ କମିଶନର ଅମିତାଭ ଠାକୁରଙ୍କ ନିର୍ଦ୍ଦେଶକ୍ରମେ ତଥା ଜିଲାପାଳ ସମର୍ଥ ବର୍ମା ଏବଂ ଏସ୍‌ପି ଡା. କନଓର ବିଶାଲ ସିଂଙ୍କ ତତ୍ତ୍ୱାବଧାନରେ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ରବିନ୍ କୁମାର ପଟ୍ଟନାୟକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଚଢାଉ କରୁଛନ୍ତି। ଏହିକ୍ରମରେ ଶୁକ୍ରବାର ଆରଟିଓ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆସିଷ୍ଟାଣ୍ଟ ଏମ୍‌ଭିଆଇ ଅମିତ କୁମାର ରଣା ଓ ଟ୍ରାଫିକ ଇନ୍ସପେକ୍ଟର ସୁଶାନ୍ତ କୁମାର ପାତ୍ର ତାଙ୍କ ଟିମ୍ ନେଇ ପୁରୀ-କୋଣାର୍କ ରାସ୍ତାରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ଟିମ୍ ତୋଷାଳି ହୋଟେଲ ନିକଟ ରାସ୍ତାରେ ଏକ ଯାତ୍ରୀବାହୀ ବସ୍‌କୁ ଅଟକାଇଥିଲେ। ଉକ୍ତ ବସ୍‌ର ଚାଳକ ମଦ ପିଇ ଗାଡ଼ି ଚଳାଉଥିବାରୁ ବସ୍‌କୁ ଜରିମାନା ବାବଦକୁ ୧୦ହଜାର ଟଙ୍କାର ଚାଲାଣ କଟାଯାଇଛି। ଜରିମାନା ଟଙ୍କା ଦେବା ପରେ ବସ୍‌କୁ ଅନ୍ୟ ଜଣେ ଚାଳକ ଡ୍ରାଇଭ୍ କରି ଯାତ୍ରୀଙ୍କୁ ନେଇଯାଇଥିଲେ। ସେହିପରି ଏହି ରାସ୍ତା ଦେଇ ପୁରୀ ନାଗାପାଟଣା ଅଞ୍ଚଳର ଜଣେ ୧୬ବର୍ଷୀୟ ଯୁବକ ବାଇକ୍ ନେଇ ବଇରିପୁରସ୍ଥିତ କଲେଜ ଅଭିମୁଖେ ଯାଉଥିଲେ। ଏହି ବାଇକ୍ ପଛପଟେ ଆଉ ଜଣେ ଛାତ୍ର ବସିଥିଲେ। ଏହାଦେଖି ଆରଟିଓ ଟିମ୍ ସେମାନଙ୍କୁ ଅଟକାଇ ବୟସ ପଚାରିଥିଲେ। ପରେ ନାବାଳକଙ୍କ ପଲ୍ସର ବାଇକ୍ ନମ୍ବରରେ ଜରିମାନା ବାବଦକୁ ୨୮ ହଜାର ଟଙ୍କାର ଚାଲାଣ କାଟିଥିଲେ। ସମ୍ପୃକ୍ତ ନାବାଳକଙ୍କ ପରୀକ୍ଷା ଥିବାରୁ ତାଙ୍କୁ ତୁରନ୍ତ ଛାଡ଼ିଦିଆଯାଇଥିଲା। ନାବାଳକମାନଙ୍କୁ ଗାଡ଼ି ଚଳାଇବାକୁ ନ ଦେବା ପାଇଁ ଅଭିଭାବକମାନଙ୍କୁ ଆରଟିଓ ପଟ୍ଟନାୟକ ଅନୁରୋଧ କରିଛନ୍ତି।


ଚନ୍ଦ୍ରଯାନ -୩ର ସଫଳ ଅବତରଣ ପାଇଁ ପୁରୀ ନବକଳେବର ରୋଡ୍ ମଧୁବନ ୨ୟ ଗଳିସ୍ଥିତ ବିନାୟକ ବିଦ୍ୟାମନ୍ଦିର ପକ୍ଷରୁ ମାନବ ଶୃଙ୍ଖଳ ମାଧ୍ୟମରେ ଇସ୍ରୋର ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି।

## ଫାଷ୍ଟଫୁଡ୍ ଦୋକାନରେ ଅଗ୍ନିକାଣ୍ଡ

କୋଣାର୍କ, ୨୫।୮ (ଜ୍ୟୋତିରାଜ ମହାନ୍ତି)

ପୁରୀ- କୋଣାର୍କ ମୁଖ୍ୟ ରାସ୍ତାର ଭିଆଇପି ଲଜ୍ ନିକଟ ରିଙ୍ଗରୋଡ୍ ଛକରେ ଥିବା ଏକ ଫାଷ୍ଟଫୁଡ୍ ଦୋକାନ ଶୁକ୍ରବାର ଜଳିଯାଇଛି। ସ୍ଥାନୀୟ ଲୋକେ ଦୋକାନୀଙ୍କୁ ଉଦ୍ଧାର କରିଥିଲେ। ଗ୍ୟାସ ଲିକ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । ଖବରପାଇ ଚନ୍ଦ୍ରାହର ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଅଗ୍ନିକାଣ୍ଡ ଘଟିଥିବା ଗ୍ୟାସ ଟାଙ୍କିକୁ ବାହାରକୁ ଆଣି ପାଣି ସ୍ପ୍ରେ କରି ଥଣ୍ଡା କରିଥିଲେ। ଉକ୍ତ ଦୋକାନର ପ୍ରାୟ ୭୫ଭାଗ ଜଳିଯିବା ସହ ୫୦ହଜାର ଟଙ୍କାର ଜିନିଷପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସମ୍ପୃକ୍ତ ଦୋକାନୀଙ୍କୁ ସରକାରୀ ସହାୟତା ଦେବାକୁ ଦାବି ହେଉଛି ।

## ସାକ୍ଷୀଗୋପାଳଙ୍କ ହୁଣ୍ଡିରୁ ବାହାରିଲା ୮.୯ ଲକ୍ଷ

ସାକ୍ଷୀଗୋପାଳ, ୨୫।୮
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକ ସାକ୍ଷୀଗୋପାଳଙ୍କ ମନ୍ଦିର ହୁଣ୍ଡିର ଆୟକୁ ଶୁକ୍ରବାର ଖୋଲାଯାଇଥିଲା। ପୂର୍ବାହ୍ନ ୧୦ଘଟିକା ସମୟରେ ସାକ୍ଷୀଗୋପାଳଙ୍କ ମନ୍ଦିର ପରିସର ମଧ୍ୟରେ ଉକ୍ତ ହୁଣ୍ଡିରୁ ବାହାରିଥିବା ସମସ୍ତ ଅର୍ଥ, ଅଳଙ୍କାର ଆଦି ପରଖାଯାଇଥିଲା। ଏଥିରେ ଦେବୋତ୍ତର ବିଭାଗ ପୁରୀ ଜିଲା ଇନ୍ସପେକ୍ଟର ଅନନ୍ତ ଚରଣ ମୁର୍ମୁ, ସାକ୍ଷୀଗୋପାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ, ସାକ୍ଷୀଗୋପାଳ ୟୁନିୟନ ବ୍ୟାଙ୍କ ପରିଚାଳକ ମାନସ ଭୋଇ, କ୍ୟାଶିୟର ଶିବକାନ୍ତ ଶୁକ୍ଳା, ବ୍ୟାଙ୍କ କର୍ମଚାରୀ ସୁଶାନ୍ତ କୁମାର ବାରିକ, ସତ୍ୟବାଦୀ ତହସିଲଦାର କାର୍ଯ୍ୟାଳୟର ସୁପରଭାଇଜର ଦେବସ୍ମିତା ପାଣ୍ଡେ, ଆରଆଇ ଶ୍ୟାମସୁନ୍ଦର ପୃଷ୍ଟି, ମନ୍ଦିର ପରିଚାଳନା କମିଟିର ସଭ୍ୟ ପ୍ରତାପ ମହାପାତ୍ର, ମନ୍ଦିର ସୁପରଭାଇଜର ବିଶ୍ୱନାଥ ମହାପାତ୍ର, ସତ୍ୟବାଦୀ ଥାନା ଏଏସ୍‌ଆଇ ମହେଶ୍ୱର ଦାଶ, ମନ୍ଦିର କର୍ମଚାରୀ ପ୍ରମୁଖ ଯୋଗଦେଇ ମିଳିଥିବା ଦାନର ହିସାବ କରିଥିଲେ। ଖୋଲାଯାଇଥିବା ହୁଣ୍ଡିରୁ ନଗଦ ଅର୍ଥ ୮,୯୧,୦୮୯ ଲକ୍ଷ ଟଙ୍କା ମିଳିଛି। ସେହିପରି ମୁଦି ୧, କାନ ଫୁଲ ୧, ନାକଫୁଲ ୨ , ରୁପାର ତୁଳସୀ ପତ୍ର ୧୩, ଚିତା ୩, ରୁପା ବଇଁଶୀ ୧, ଗୋଡ଼ ମୁଦି ୫, ମୁଦ୍ରା ୨ ଯଥା ଗୋଟିଏ ଏକ ଗ୍ରାମ ଓ ୫ ଗ୍ରାମର, ପାଉଁଜି ୧, ଚେନ ୧, ରେଜା ରୁପା ୧୩ ଖଣ୍ଡ ମିଳିଛି ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ମିଳିଥିବା ସମସ୍ତ ଅର୍ଥ ଓ ଧାତବ ଜିନିଷକୁ ସ୍ଥାନୀୟ ୟୁନିୟନ ବ୍ୟାଙ୍କରେ ରଖାଯାଇଥିବା ଜଣାପଡ଼ିଛି।

## ବିଧାୟକଙ୍କ ହସ୍ତକ୍ଷେପ ପରେ ସମସ୍ୟା ସମାଧାନ

ଡେଲାଙ୍ଗ, ୨୫।୮ (ରଶ୍ମିରଞ୍ଜନ ପ୍ରଧାନ)

- ଗଛ ତଳେ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ର ପଢ଼ିବା ଘଟଣା
- ବରବୋଇରୁ ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟ ମହତାବକୁ ସ୍ଥାନାନ୍ତର

ଡେଲାଙ୍ଗ ବ୍ଲକ ବରବୋଇ ସରକାରୀ ବିଦ୍ୟାଳୟରେ ଶ୍ରେଣୀଗୃହ ଅଭାବରୁ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଖୋଲା ଆକାଶତଳେ ଗଛ ମୂଳରେ ପଢ଼ିବା ଘଟଣା ପରେ ଅଭିଭାବକମାନେ ଧାରଣା ଦେଇଥିଲେ। ଅନେକ ହୋହଲ୍ଲା ପରେ ଆଦର୍ଶ ବିଦ୍ୟାଳୟ ନିର୍ମାଣ ବିଳମ୍ବକୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ନ ହେବାରୁ ଶୁକ୍ରବାର ବୈଠକ ହେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏ ନେଇ ଶୁକ୍ରବାର ବିଧାୟକ ରୁଦ୍ରପ୍ରତାପ ମହାରଥୀ, ଜିଲା ଶିକ୍ଷାଧିକାରୀ ଡ. ବିଶ୍ୱଜିତ ଘୋଷ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ଏବିଇଓ ଲକ୍ଷ୍ମଣ ପ୍ରଧାନ, ଅଭିଭାବକ ସଭାପତି ଅଶୋକ ପ୍ରଧାନ, ସମ୍ପାଦକ ମୋହନ ମହାନ୍ତିଙ୍କ ସମେତ ଅଭିଭାବକ ମଣ୍ଡଳିର ସଦସ୍ୟମାନେ ଉପସ୍ଥିତ ରହି ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ବରବୋଇ ବିଦ୍ୟାଳୟରେ କାମ ଚାଲିଥିବାରୁ ମହତାବ ଉଚ୍ଚ ବିଦ୍ୟାଳୟର ୫ଟି ରୁମରେ ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟ ଚାଲିବ। ୪ଟି ଗୃହରେ ଛାତ୍ରୀଛାତ୍ରଙ୍କୁ ପଢା ହେବ। ଫ୍ୟାନ୍, ଲାଇଟ୍, ପାନୀୟ ଜଳ, ଶୌଚାଳୟ ବ୍ୟବସ୍ଥା ଯୁଦ୍ଧକାଳୀନ ଭିତ୍ତିରେ ରିପାରିଂ କରାଯିବା ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ସୋମବାରଠାରୁ ମହାତାବ ବିଦ୍ୟାଳୟ ପରିସରରେ ଅସ୍ଥାୟୀ ଆଦର୍ଶ ବିଦ୍ୟାଳୟ ଚାଲିବ ବୋଲି ଜିଲା ଶିକ୍ଷାଧିକାରୀ ଏ ନେଇ ଏକ ଅର୍ଡର ଜାରି କରିଛନ୍ତି। ତେବେ ଅଭିଭାବକମାନେ ଯଥାଶୀଘ୍ର ଆଦର୍ଶ ବିଦ୍ୟାଳୟ ଗୃହ ନିର୍ମାଣ ସାରିବାକୁ ବିଧାୟକଙ୍କୁ ନିବେଦନ କରିଛନ୍ତି।

# ‘ବୁଥ୍‌ସ୍ତରରେ ଭାଜପାକୁ ଅଧିକ ସୁଦୃଢ଼ କର’

ପୁରୀ, ୨୫।୮ (ଅଜିତ୍ ମହାନ୍ତି)

**ଭୋଟର ସଚେତନତା ମହା ଅଭିଯାନ**

ଭାରତୀୟ ଜନତା ପାର୍ଟି ପୁରୀ ଶାଖା ପକ୍ଷରୁ ଭୋଟର ସଚେତନତା ମହାଅଭିଯାନ କାର୍ଯ୍ୟକ୍ରମ ଶୁକ୍ରବାର ସ୍ଥାନୀୟ ରେଲୱେ କଲ୍ୟାଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂହ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ଉପସଭାପତି ଦିଗଦର୍ଶନ ପଟ୍ଟନାୟକ, ଜିଲା ଭାଜପା ସାଧାରଣ ସମ୍ପାଦକ ଉମାକାନ୍ତ ନାୟକ, ଜିଲା ସମ୍ପାଦକ ସୁଦଶା ପଣ୍ଡା, ରାଜ୍ୟ ସଂଯୋଜକ ଶଙ୍କର ପରିଡ଼ା, ମଣ୍ଡଳ ସଭାପତି ରବି ଦାସ, ସଞ୍ଜୀବ ମୁଖାର୍ଜୀ, ମହିଳା ମୋର୍ଚ୍ଚା ସଭାପତି ଜ୍ୟୋତି ମହାପାତ୍ର, ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଓବିସି ମୋର୍ଚ୍ଚାର ଦେବ ପ୍ରସନ୍ନ ସ୍ୱାଇଁ, କୃଷ୍ଣଚନ୍ଦ୍ର ସାମନ୍ତରାୟ, ମଧୁ ସିଂହାରୀ, ଲୋକସଭା ବିସ୍ତାରକ ପର୍ଶୁରାମ ବିଶୋୟୀ, ସଚି ବାନାର୍ଜୀ, ଚନ୍ଦନପୁର ମଣ୍ଡଳ ସଭାପତି ମନୋରଞ୍ଜନ ପ୍ରଧାନ, ବାଲିଗୁଆଳି ମଣ୍ଡଳ ସଭାପତି ହରି ମହାପାତ୍ର, ଅନିଲ ସାହୁ, ଅକ୍ଷୟ ମହାନ୍ତି, ଅନିତା ପଟ୍ଟନାୟକ, ସୁନୀତା ମହାରଣାଙ୍କ ସମେତ ପୁରୀ ବିଧାନସଭା କ୍ଷେତ୍ରର ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଆଗାମୀ ସାଧାରଣ ନିର୍ବାଚନ ପାଇଁ ବୁଥ୍‌ସ୍ତରରେ ଦଳକୁ ମଜଭୁତ କରିବା ଉପରେ ବିଧାୟକ ଷଡ଼ଙ୍ଗୀ ଗୁରୁତ୍ୱ ଦେବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଷଡ଼ଙ୍ଗୀ କହିଛନ୍ତି, ଆଗାମୀ ସାଧାରଣ ନିର୍ବାଚନ ପାଇଁ ଆମେ ପ୍ରସ୍ତୁତ ରହିଛୁ। ତେଣୁ ଦଳ ପକ୍ଷରୁ ଭୋଟର ସଚେତନତା ମହାଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭୋଟର ତାଲିକା ସଂଶୋଧନ, ନାମ ପଞ୍ଜୀକରଣ, ଯୁବଗୋଷ୍ଠୀଙ୍କ ମଧ୍ୟରେ ମତଦାନ ପ୍ରତି ଆଗ୍ରହ ସୃଷ୍ଟି କରିବା ଆଦି ସମ୍ପର୍କରେ ଏହି କାର୍ଯ୍ୟକ୍ରମ କରାଯାଇ କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଆଗାମୀ ନିର୍ବାଚନରେ ଭାଜପା ବିଜୟ ଲାଭ କରିବ। ସେହିପରି ଜିଲା ସଭାପତି ଆଶ୍ରିତ୍ ପଟ୍ଟନାୟକ କହିଛନ୍ତି, ଯେପରି ଜଣେ ବି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସମସ୍ତଙ୍କ ଅଧିକାର ଆସିଲେ ନରେନ୍ଦ୍ର ମୋଦି ପୁଣିଥରେ ପ୍ରଧାନମନ୍ତ୍ରୀ ହୋଇପାରିବେ ବୋଲି ପଟ୍ଟନାୟକ ସୂଚନା ଦେଇଛନ୍ତି।



କାର୍ଯ୍ୟକ୍ରମରେ ଭାଜପାର ବରିଷ୍ଠ କର୍ମକର୍ତ୍ତାଙ୍କୁ ସ୍ୱାଗତ କରାଯାଉଛି ।

# ରାଜ୍ୟରେ ଖାଲିପଡ଼ିଛି ବହୁ ଆୟୁଷ ଡାକ୍ତର ପଦବୀ

**ଅଲ୍ ଓଡ଼ିଶା ଆୟୁଷ୍ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ପକ୍ଷରୁ ବିକ୍ଷୋଭ**

ପୁରୀ, ୨୫।୮ (ଅଜିତ୍ ମହାନ୍ତି)

ଅଲ୍ ଓଡ଼ିଶା ଆୟୁଷ୍ ଷ୍ଟୁଡେଣ୍ଟ୍ ଆସୋସିଏଶନ୍ ଆହ୍ୱାନ କ୍ରମେ ଆୟୁଷ ମନ୍ତ୍ରଣାଳୟ ଅଧୀନରେ ଥିବା ରାଜ୍ୟର ୭ଟି କଲେଜର ଛାତ୍ରୀଛାତ୍ରମାନେ ବିଭିନ୍ନ ଦାବି ନେଇ କଳା ବ୍ୟାଚ୍ ପରିଧାନ କରି ପ୍ରତୀକାତ୍ମକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଅଲ୍‌ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନ, ହୋମିଓପ୍ୟାଥିକ୍ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍ ଏବଂ ଆୟୁର୍ବେଦିକ୍ ମେଡିକାଲ ଷ୍ଟୁଡେଣ୍ଟସ୍ ଆସୋସିଏଶନ୍‌ର ସଦସ୍ୟମାନେ କଳାବ୍ୟାଚ୍ ପରିଧାନ କରି ଶୁକ୍ରବାର ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଲ୍ ଓଡ଼ିଶା ଆୟୁଷ ଷ୍ଟୁଡେଣ୍ଟସ୍ ଆସୋସିଏଶନର ଉପସଭାପତି ପବିତ୍ର କୁମାର ସାହୁଙ୍କ ନେତୃତ୍ୱରେ ଉଭୟ ଆସୋସିଏଶନ୍‌ର ସଦସ୍ୟମାନେ କଳାବ୍ୟାଚ୍ ପିନ୍ଧି ପ୍ରତିବାଦ କରିଥିଲେ। ଏଥିରେ ଜିଲାର ପ୍ରାୟ ୨୫୦ ଷ୍ଟୁଡେଣ୍ଟସ୍ ସାମିଲ ହୋଇଥିଲେ।

ଆସୋସିଏଶନ୍ ପକ୍ଷରୁ କୁହାଯାଇଛି ଯେ, ଓଡ଼ିଶାରେ ପ୍ରାୟ ସାଢ଼େ ୪କୋଟି ଲୋକଙ୍କ ପାଇଁ ୫୬୨ ହୋମିଓପ୍ୟାଥିକ ଡାକ୍ତର ଏବଂ ୬୧୯ ଆୟୁର୍ବେଦିକ ଡାକ୍ତର ନିଯୁକ୍ତ ଅଛନ୍ତି। ସମୁଦାୟ ୧୧୭୯ ସରକାରୀ ଆୟୁଷ ଡାକ୍ତର ସେବା ପ୍ରଦାନ କରୁଛନ୍ତି। ପ୍ରତି ୩,୭୦,୬୫୪ ବ୍ୟକ୍ତିରେ ମାତ୍ର ଜଣେ ଆୟୁଷ ଡାକ୍ତର ସେବା ଯୋଗାଉଛନ୍ତି। ଏତିକି ସଂଖ୍ୟକ ଡାକ୍ତରଙ୍କ ସାହାଯ୍ୟରେ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା ଅସମ୍ଭବ। ଦୁଃଖର କଥା, ରାଜ୍ୟ ସରକାର ଆୟୁଷ ସେବା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଦୀର୍ଘ ୨୧ ବର୍ଷ ଭିତରେ ଜଣେ ହେଲେ ବି ଆୟୁଷ ଚିକିତ୍ସା ପଦାଧିକାରୀ ରାଜ୍ୟରେ ନିଯୁକ୍ତ ହୋଇନାହାନ୍ତି। ଏନେଇ ରାଜ୍ୟ ସରକାରଙ୍କୁ ବାରମ୍ବାର ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନ୍‌ଏଏମ୍‌ର ତଥ୍ୟ ଅନୁଯାୟୀ, ରାଜ୍ୟରେ ୮୦୦୦ ଆୟୁଷ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୮୦୦ ହସ୍ପିଟାଲ ଖୋଲାଯିବା କଥା। କିନ୍ତୁ ଏଥିପ୍ରତି ସରକାର ନଜର ଦେଉନାହାନ୍ତି। ରାଜ୍ୟବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ପ୍ରତିବର୍ଷ ଆୟୁଷ ଚିକିତ୍ସା ପଦାଧିକାରୀ ନିଯୁକ୍ତି କରାଯାଉ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ହସ୍ପିଟାଲରେ ଆପାତତଃ ୫୦୦ ଲେଖାଏ ଆୟୁଷ ଚିକିତ୍ସା ପଦାଧିକାରୀ ଏବଂ ୧୦୦ ଆୟୁଷ ଡାକ୍ତର ଏନ୍‌ଏଏମ୍ ନିଯୁକ୍ତି ଦିଆଯାଉ। ବିଜୁ ସ୍ୱାସ୍ଥ୍ୟବୀମା ଅଧୀନରେ ଆୟୁଷ ଚିକିତ୍ସାକୁ ମଞ୍ଜୁରୀ ପ୍ରଦାନ କରାଯାଉ। ଆୟୁଷ ଚିକିତ୍ସା ପଦ୍ଧତିକୁ ଲୋକଲୋଚନକୁ ଆଣିବା ପାଇଁ ପଦକ୍ଷେପ ନିଆଯାଉ। ସେହିପରି ମୌଳିକ ସୁବିଧା ଯୋଗାଇ ଦିଆଯାଉ ବୋଲି ଆସୋସିଏଶନ୍ ପକ୍ଷରୁ ଦାବି କରାଯାଇଛି।



ଛାତ୍ରୀଛାତ୍ରମାନେ ବିଭିନ୍ନ ଦାବି ନେଇ କଳା ବ୍ୟାଚ୍ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୬ ଅଗଷ୍ଟ, ୨୦୨୩



**ଇମର୍ତ୍ତି ଦେବୀ କଲେଜରେ ବନ ମହୋତ୍ସବ**

କଟକ,(ସୁପ୍ରିୟା ପ୍ରିୟଦର୍ଶିନୀ): କଟକ ନୟାସଡ଼କସ୍ଥିତ ଇମର୍ତ୍ତି ଦେବୀ ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ବନ ମହୋତ୍ସବ ପାଳିତ ହୋଇଯାଇଛି। (ଏନ୍‌ଏସ୍‌ଏସ୍) ଅଧକ୍ଷା ଡ.ସାଗରିକା ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡାକ୍ତର ରବିରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅଧାପିକା ତ୍ରିବେଣୀ ଭୋଳ, ରିତା ନନ୍ଦୀ ଓ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ସିଡିଏ ନିକଟସ୍ଥ ମୁଣ୍ଡାସାହିରେ ବସ୍ତିବାସିନ୍ଦାଙ୍କୁ ଚାରାରୋପଣର ଉପକାରିତା ବିଷୟରେ ଅବଗତ କରାଇବା ସଙ୍ଗେ ସଙ୍ଗେ ଚାରା ରୋପଣ କରିଥିଲେ। ସ୍ୱେଚ୍ଛାସେବୀ ତଥା ସାହି ବାସିନ୍ଦାଙ୍କୁ ଅଧକ୍ଷା ମୃତ୍ତିକା ସଂରକ୍ଷଣ ସମ୍ପର୍କରେ ବୁଝାଇ ଚାରା ରୋପଣ କରିଥିଲେ।

## ସଂକ୍ଷେପରେ

### କଣ୍ଟେନର ଧକ୍କାରେ ମହିଳାଙ୍କ ମୃତ୍ୟୁ

ଫୁଲନଖରା,୨୫।୮ (ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରା ଅଞ୍ଚଳରେ ଶୁକ୍ରବାର ଏକ କଣ୍ଟେନର ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ପାହାଳ ଥାନା ଅଞ୍ଚଳରେ ରହୁଥିବା ସ୍ନେହା ସାହୁ। ସ୍ନେହା ଏକ ଘରୋଇ ଫାଇନାନ୍ସ ଅଫିସରେ କାର୍ଯ୍ୟ କରୁଥିଲେ। ଏ ନେଇ ପୋଲିସ ଏକ ମାମଲା(ନଂ.୪୭୯/୨୩) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ସ୍ନେହା କଟକ ସଦର ଥାନା ଅନ୍ତର୍ଗତ ଗୋପଳପୁର ଛକରୁ ଏକ ସ୍କୁଟି ଯୋଗେ ଶୁକ୍ରବାର ମଧ୍ୟାହ୍ନରେ କଟକ ଯାଉଥିଲେ। ୧୬ନମ୍ବର ଜାତୀୟ ରାଜପଥର କାଠଯୋଡ଼ି ବ୍ରିଜ ନିକଟରେ ଏକ କଣ୍ଟେନର (ନଂ.ଏନଏଲ.୦୧ ଏଏଫ ୮୫୪୯) ସ୍ନେହାଙ୍କ ସ୍କୁଟିକୁ ପଛରୁ ଧକ୍କା ଦେଇଥିଲା। ଫଳରେ ସ୍ନେହା ତଳେ ପଡି ଯିବାରୁ ଗାଡିର ପଛ ଚକା ତାଙ୍କ ମୁଣ୍ଡ ଉପରେ ଚଢିଯାଇଥିଲା। ଖବରପାଇ ଘଟଣାସ୍ଥଳରେ ସଦର ପୋଲିସ ପହଞ୍ଚି ସ୍ନେହାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ କଟକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ପଠାଯାଇଥିଲା। ପୋଲିସ ଗାଡ଼ି ଦୁଇଟିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

### ମୁର୍କୁଣ୍ଡି କେନାଲରୁ ମୃତଦେହ ଜବତ

କଟକ ସଦର,୨୫।୮(ସୁଶାନ୍ତ ଜେନା)

କିଶନ ନଗର ଥାନା ଅନ୍ତର୍ଗତ ମୁର୍କୁଣ୍ଡି କେନାଲରୁ ଶୁକ୍ରବାର ସକାଳେ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ଜବତ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲା। ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ଏ ନେଇ ପୋଲିସ ଏକ ମାମଲା(ନଂ.୧୨/୨୩) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ ଗୁରୁବାର ସନ୍ଧ୍ୟାରେ ଏହି ବ୍ୟକ୍ତି ଜଣକ କେନାଲରେ ଗାଧେଇବାବେଳେ ପାଣିରେ ଭାସି ଯାଇଥିଲେ। ଖୋଜାଖୋଜି ପରେ ଉକ୍ତ ବ୍ୟକ୍ତିଙ୍କର କୌଣସି ପତ୍ତା ମିଳି ନ ଥିଲା। ସକାଳେ ମୃତଦେହଟି ପାଣିରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ।

### ନାବାଳିକାଙ୍କ ମୃତ୍ୟୁ ଘଟଣା: ଘଟଣାସ୍ଥଳରେ ଡିଏସ୍‌ପିଙ୍କ ତଦନ୍ତ

ମାହାଙ୍ଗା,୨୫।୮(ଯଯାତି ସିଂହ)

ମାହାଙ୍ଗାର ବହୁଚର୍ଚ୍ଚିତ ନାବାଳିକାଙ୍କ ମୃତ୍ୟୁ ଘଟଣାରେ ଶୁକ୍ରବାର ତଦନ୍ତକାରୀ ଅଧିକାରୀ ତଥା ଜିଲା ମୁଖ୍ୟାଳୟ ଡିଏସ୍‌ପି ସନ୍ଧ୍ୟାରାଣୀ ବେହୁରା ତାଙ୍କ ଘରେ ଓ ଗ୍ରାମରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ସ୍ଥାନୀୟ ଲୋକଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଛନ୍ତି। ନାବାଳିକା ପଢୁଥିବା ବିଦ୍ୟାଳୟକୁ ଯାଇ ତଦନ୍ତ କରିଛନ୍ତି। ଯେଉଁ ବ୍ୟକ୍ତିମାନେ ନାବାଳିକାଙ୍କ ମୃତଦେହ ପୋଡ଼ିଥିଲେ ସେମାନଙ୍କୁ ମଧ୍ୟ ପଚରାଉଚୁରା କରିଛନ୍ତି। ସୂଚନାଯୋଗ୍ୟ, ଏହି ଘଟଣାରେ ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ ଓ କ୍ରୀଡ଼ା ଶିକ୍ଷକ ଅନୁପମ ରାୟଙ୍କୁ ପୂର୍ବରୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

### ବଡ଼ଭାଇଙ୍କୁ ଆକ୍ରମଣ କରି ସାନ ଗିରଫ

କଟକ ସଦର,୨୫।୮(ସୁଶାନ୍ତ ଜେନା)

ବଡ଼ ଭାଇଙ୍କୁ ଲୁହାଛଡରେ ଆକ୍ରମଣ କରି ଆହତ କରିବା ଅଭିଯୋଗରେ କନ୍ଦରପୁର ଥାନା ପୋଲିସ ଶୁକ୍ରବାର ସାନ ଭାଇକୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଫକୀର ପଡ଼ା ଗ୍ରାମର ଲଳିତ ଭୋଇ(୩୦)। ପୋଲିସ ସୂତ୍ରରୁ ପ୍ରକାଶ ଗୁରୁବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ଅଭିଯୁକ୍ତଙ୍କର ବଡ଼ ଭାଇ ଦିଲୀପ ଭୋଇଙ୍କ ସହ ପାଟି ତୁଣ୍ଡ ହୋଇଥିଲା। ଏଥିରେ ରାଗିଯାଇ ଲଳିତ ଏକ ଲୁହା ଛଡ଼ ଆଣି ବଡ଼ ଭାଇର ମୁଣ୍ଡକୁ ପିଟି ଦେଇଥିଲା। ପରେ ସ୍ଥାନୀୟ ଲୋକେ ଆହତଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ପରେ ଆହତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ.୧୬୦/୨୩ରେ ମାମଲା ରୁଜୁ କରିଥିଲା।

# ପୂଜା ପୂର୍ବରୁ ରାସ୍ତା ମରାମତି ହେଉ

**ସିଏମ୍‌ସି ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି**

- ୱାଟ୍‌କୋ, ବିଦ୍ୟୁତ୍ ବିଭାଗର କାର୍ଯ୍ୟକୁ ନେଇ ଅସନ୍ତୋଷ
- ରାସ୍ତାରେ ଓହଳିଥିବା ତାର ଅପସାରଣ ପାଇଁ ଦାବି

କଟକ,୨୫।୮ (କାର୍ତ୍ତିକ ସାହୁ)



ସିଏମ୍‌ସି କାଉନସିଲ ବୈଠକରେ ଉପସ୍ଥିତ ମେୟର ସୁବାସ ସିଂ, କମିଶନର, ଡେପୁଟି ମେୟର ଓ ଅନ୍ୟ ଅଧିକାରୀ।

କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସହରରେ ଗଣେଶ ପୂଜା ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଟକ ମହାନଗର ଶାନ୍ତି କମିଟି, ପୂର୍ବାଞ୍ଚଳ ଶାନ୍ତି କମିଟି ଅନ୍ତର୍ଗତ ବିଭିନ୍ନ ପୂଜା କମିଟି ଓ ଗଣେଶ କ୍ଲବ କର୍ମକର୍ତ୍ତାମାନେ ବିଜୁ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଏକାଠି ହୋଇ ମତ ଉପସ୍ଥାପନ କରିଥିଲେ। ଗଣେଶ ପୂଜା ପୂର୍ବରୁ ରାସ୍ତାଘାଟ ତଥା ଅନ୍ୟାନ୍ୟ ସମସ୍ୟା ସମାଧାନ କରିବାକୁ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

ସିଏମ୍‌ସି ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ୱାଟ୍‌କୋ ଓ ବିଦ୍ୟୁତ୍ ବିଭାଗର ମନଇଚ୍ଛା କାର୍ଯ୍ୟକୁ ନେଇ ଉପସ୍ଥିତ କର୍ମକର୍ତ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାସ୍ତାଘାଟର ଶୋଚନୀୟ ଅବସ୍ଥାକୁ ନେଇ ମୁରବୀମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତଗୁଡ଼ିକ ଯୋଗୁ ଲୋକେ ଅଧିକାଂଶ ସମୟରେ ପଡ଼ି ଆହତ ହେଉଛନ୍ତି। ସାରା ସହରରେ ପ୍ରାୟ ୧୧୦୦ ମୂର୍ତ୍ତି ନିର୍ମାଣ ହେଉଛି। ଭସାଣି ସମୟରେ ଯେପରି ଅସୁବିଧା ନ ହେବ ସେଥିପ୍ରତି ଦୃଷ୍ଟି ଦେଇ ଗର୍ତ୍ତ ସ୍ଥାନ, ରାସ୍ତାଘାଟକୁ ପୂଜା ପୂର୍ବରୁ ମରାମତି କରିବାକୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମୁଖ୍ୟରାସ୍ତା ସମେତ ଗଳି ରାସ୍ତାରେ ଓହଳିଥିବା ତାରଗୁଡ଼ିକୁ ତୁରନ୍ତ ଅପସାରଣ କରିବାକୁ ଦାବି କରାଯାଇଥିଲା। ଡେଙ୍ଗୁ ରୋଗ ଭୟାବହତା ବଢ଼ିବାରେ ଲାଗିଥିବାରୁ ପ୍ରତିକାର ନିମନ୍ତେ ପଦକ୍ଷେପ ନେବାକୁ ମେୟରଙ୍କୁ କୁହାଯାଇଥିଲା। ବିଶୁଦ୍ଧ ପାନୀୟଜଳ ମିଳିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାସ୍ତାଘାଟ, ଗଛଡାଳ, କେବୁଲ ତଥା ବିଦ୍ୟୁତ ତାର ହଟାଇବା ନିମନ୍ତେ ମୁରବୀମାନେ ଜୋର୍ ଦେଇଥିଲେ। ପ୍ରତିବର୍ଷ ପରି ମୂର୍ତ୍ତି ଭସାଣ ପାଇଁ କୃତ୍ରିମ ପୋଖରୀ ନିର୍ମାଣ କରାଯିବାକୁ କୁହାଯାଇଥିଲା। ପୂଜାକୁ ଶୃଙ୍ଖଳିତ ଭାବେ ପାଳନ କରିବା ଉପରେ ସିଏମ୍‌ସି ସ୍ଥାୟୀ କମିଟି ଅଧକ୍ଷ ଓ କର୍ପୋରେଟର ମାନେ ଆଲୋଚନା କରିଥିଲେ।

# ଡେଙ୍ଗୁ, ମ୍ୟାଲେରିଆ ନିରାକରଣ ଉପରେ ଗୁରୁତ୍ୱ

**ପୌର ପରିଷଦ ବୈଠକ**

ଚୌଦ୍ୱାର,୨୫।୮(ଆଶୁତୋଷ ଦାସ)

ଚୌଦ୍ୱାର ପୌର ପରିଷଦର ବୈଠକ ଶୁକ୍ରବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗର ନିରାକରଣ ଓ ଏଥିପାଇଁ ପୌର ପରିଷଦ ତରଫରୁ ଆନୁଷଙ୍ଗିକ ବ୍ୟବସ୍ଥା ଓ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଭୁବନେଶ୍ୱର ଓ କଟକ ସହରରେ ଡେଙ୍ଗୁ ବ୍ୟାପୁଥିବାରୁ ଚୌଦ୍ୱାର ସହରକୁ ସେଥିରୁ ରକ୍ଷା କରିବା ପାଇଁ ପୌରପାଳିକା ତରଫରୁ ବିଭିନ୍ନ ପଦକ୍ଷେପ ମଧ୍ୟରୁ ନିୟମିତ ସଫେଇ, ନଳା ସଫେଇ, ଆବର୍ଜନା ଦୈନିକ ଉଠାଣ, ବ୍ଲିଚିଂ ସିଞ୍ଚନ, କୂଅରେ ବ୍ଲିଚିଂ ପକାଇବା, ପ୍ରତି ସନ୍ଧ୍ୟାରେ ମଶାଧୂଆଁ ଦେବା ଆଦି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସଭାରେ ଉପସ୍ଥିତ ବିଧାୟକ ସୌଭିକ ବିଶ୍ୱାଳ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ କହିଥିଲେ। ସହରାଞ୍ଚଳରେ ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ବହୁ କାଉନସିଲର ଅଭିଯୋଗ କରି ହୋହଲ୍ଲା କରିବାରେ ବିଧାୟକ ବିଶ୍ୱାଳ ସଫେଇ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ତାଗିଦ କରିଥିଲେ। ପୌରପାଳିକାରେ ଥିବା ମଶାଧୂଆଁ ମେଶିନଟି କାର୍ଯ୍ୟକ୍ଷମ ନ ଥିବାରୁ ତୁରନ୍ତ ସିଏମ୍‌ସିରୁ ଏକ ମେଶିନ ଅଣାଯାଇ ମଶାଧୂଆଁ ବ୍ୟବସ୍ଥା କରିବା ଓ ଏକ ନୂତନ ମେଶିନ କିଣିବାର ବ୍ୟବସ୍ଥା କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ଏମ୍‌ପି ପ୍ରତିନିଧି ପ୍ରେମଚାନ୍ଦ ନାୟକ, ସ୍ୱଚ୍ଛ ଭାରତ ମିଶନ ଅଧିକାରୀ ବିଚିତ୍ରାନନ୍ଦ ସ୍ୱାଇଁଙ୍କ ସମେତ ପାରିଷଦମାନେ ବୈଠକରେ ଉପସ୍ଥିତ ଥିଲେ।



ପୌର ପରିଷଦ ବୈଠକରେ ଉପସ୍ଥିତ ବିଧାୟକ ସୌଭିକ ବିଶ୍ୱାଳ ଓ ଅନ୍ୟମାନେ।

# କୃଷି ଯନ୍ତ୍ରପାତି କିଣା ଦୁର୍ନୀତିର ସିବିଆଇ ତଦନ୍ତ ହେଉ



ବିଭିନ୍ନ ଦାବି ନେଇ ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

କଟକ,୨୫।୮(ସୁପ୍ରିୟା ପ୍ରିୟଦର୍ଶିନୀ)

ରାଜ୍ୟ ସରକାରଙ୍କ କୃଷି ଯନ୍ତ୍ରପାତି ଓ ଧାନ କିଣାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ଆଣି ସିବିଆଇ ତଦନ୍ତ ଦାବିରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଓ କଟକ ଜିଲା ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଶତାଧିକ କାର୍ଯ୍ୟକର୍ତ୍ତା ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କଟକ ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। କେନ୍ଦ୍ରର ସରକାର ଚାଷୀଙ୍କ ଆୟକୁ ଦୁଇଗୁଣ କରିବା ପାଇଁ କୃଷି ଯନ୍ତ୍ରପାତି ।ରୁ ଆରମ୍ଭ କରି ଧାନକିଣା ପର୍ଯ୍ୟନ୍ତ ବିପୁଳ ରିହାତି ସହିତ ଚାଷୀଙ୍କୁ କରୋନା ପରେ ସର୍ବାଧିକ ଅନୁଦାନ ରାଶି ଦେଇଥିବାବେଳେ ରାଜ୍ୟ ସରକାର ଏହି ଅର୍ଥକୁ ବାଟମାରଣା କରିଥିବାରୁ ଏହାର ସିବିଆଇ ତଦନ୍ତ ଲାଗି ଭାଜପା କୃଷକ ମୋର୍ଚ୍ଚା ଦାବି କରିଛି। କୃଷକ ନେତା ହୃଷିକେଶ ଜେନା, ଅଶୋକ ରଥ, ପ୍ରତାପ ରାଉତରାୟ, ସୁବଳ ବେହେରା, ସତ୍ୟବାଦୀ ଚଇନି, ଅଜୟ ମୁଦୁଲି, ସୁଶାନ୍ତ ମହାନ୍ତି, କୃଷ୍ଣଚନ୍ଦ୍ର ସେଠୀ, ଦୀପକ ନନ୍ଦୀ, ରଘୁ ପାତ୍ର ପ୍ରମୁଖ ବିକ୍ଷୋଭରେ ସାମିଲ ଥିଲେ।

# ପ୍ରାଥମିକ ବିଦ୍ୟାଳୟ ଅନୁଦାନ ଖର୍ଚ୍ଚରେ ଚଞ୍ଚକତା

କଟକ ସଦର,୨୫।୮(ସୁଶାନ୍ତ ଜେନା)

ରାଜ୍ୟ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପକ୍ଷରୁ ପ୍ରତିବର୍ଷ ପ୍ରାଥମିକ ବିଦ୍ୟାଳୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏଥିରେ ବିଦ୍ୟାଳୟର ବିବିଧ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ମାତ୍ର ଏହି ଅର୍ଥକୁ ଚଞ୍ଚକତା କରାଯାଇ ହେରଫେର କରାଯାଉଛି ବୋଲି କଟକ ସଦର ବ୍ଲକ କଂଗ୍ରେସ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। କାରଣ ଅନୁଦାନ ଖର୍ଚ୍ଚ ସମୟରେ ପରିଚାଳନା କମିଟି ସଭ୍ୟା ଓ ସଭ୍ୟମାନଙ୍କର ମତାମତକୁ ଉପେକ୍ଷା କରାଯାଉଛି ବୋଲି ଗୋଚ୍ଛାୟତ କହିଛନ୍ତି। ପ୍ରତି ଆର୍ଥିକ ବର୍ଷରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଥିବା ବିଦ୍ୟାଳୟକୁ କମ୍ପୋଜିଟ ଗ୍ରାଣ୍ଟ ୨୫ହଜାର ଟଙ୍କା, ଖେଳ ପାଇଁ ୫ହଜାର, ପରିବେଶ ପାଇଁ ୫ ହଜାର, ଗୋଷ୍ଠୀ ସହାୟତା ପାଇଁ ୨ ହଜାର ଟଙ୍କା ମିଳିଥାଏ। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବା ବିଦ୍ୟାଳୟକୁ ଅନ୍ୟ ସହାୟତା ଏକାପରି ଥିବାବେଳେ କେବଳ କମ୍ପୋଜିଟ ଗ୍ରାଣ୍ଟ ୫୦ ହଜାର ଟଙ୍କା ମିଳେ। ମାତ୍ର ଏହି କଥା ପରିଚାଳନା କମିଟିକୁ ଅବଗତ କରାଯାଉ ନାହିଁ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ସରସ୍ୱତୀ କାନୁନଗୋଙ୍କୁ ପଚାରିବାରୁ ଏହି ଖର୍ଚ୍ଚ କନିଷ୍ଠ ଯନ୍ତ୍ରୀଙ୍କ ପରାମର୍ଶରେ କରାଯାଏ ବୋଲି କହିଥିଲେ। ଉଲ୍ଲେଖ ଥାଉକି, କଟକସଦର ବ୍ଲକ ଅଧୀନରେ ୧୨୨ଟି ପ୍ରାଥମିକ ବିଦ୍ୟାଳୟ ରହିଛି। ଅଧିକାଂଶ ବିଦ୍ୟାଳୟରେ ୨୦ରୁ ୨୫ଜଣ ପିଲା ପାଠ ପଢୁଥିବା ଜଣାପଡୁଛି। ଦୁଃଖର ବିଷୟ ଏହି କି ଶତକଡ଼ା ୮୦ ଭାଗ ବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ନାହିଁ।

# ସାମାଜିକ ସୁରକ୍ଷା ଯୋଜନାରେ ୧୬୨୩ ହିତାଧିକାରୀ ସାମିଲ

ମଙ୍ଗୁଳି-ଜଗତପୁର,୨୫।୮(ମାନସ ସାମଲ)

ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ-ଚୌଦାର ବ୍ଲକ ଅଧୀନ ୧୩ଟି ପଞ୍ଚାୟତର ମୋଟ ୧୬୨୩ଜଣ ବୃଦ୍ଧାବୃଦ୍ଧା, ବିଧବା ଓ ଦିବ୍ୟାଙ୍ଗ ସାମିଲ ହୋଇଛନ୍ତି। ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ ଯୋଜନାରେ ୧୪୩୯ ଜଣ ସ୍ଥାନ ପାଇଥିଲାବେଳେ କେନ୍ଦ୍ର ସରକାରଙ୍କ ଇନ୍ଦିରାଗାନ୍ଧୀ ଜାତୀୟ ପେନସନ ଯୋଜନାରେ ମାତ୍ର ୧୮୪ଜଣ ସାମିଲ ହୋଇଛନ୍ତି। ଏହି ପରିପେକ୍ଷୀରେ ଶୁକ୍ରବାର ଏକ ଭତ୍ତା ବଣ୍ଟନ ଉତ୍ସବ ଟାଙ୍ଗୀ-ଚୌଦାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଟାଙ୍ଗୀ-ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଭତ୍ତା ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ପ୍ରତି ପଞ୍ଚାୟତରେ ଶହେରୁ ଉର୍ଦ୍ଧ୍ୱ ହିତାଧିକାରୀ ରହିଥିବାବେଳେ ଜରିପଡ଼ା ଓ ଶାଳଗାଁ ପଞ୍ଚାୟତରେ ସର୍ବାଧିକ ହିତାଧିକାରୀ ରହିଥିବା ଜାଣିବାକୁ ମିଳିଥିଲା। କୌଣସି କାରଣରୁ ବଞ୍ଚିତ ହିତାଧିକାରୀମାନଙ୍କୁ ଆସନ୍ତା ଦିନରେ ନିଶ୍ଚୟ ସାମିଲ କରାଯିବ ବୋଲି ବିଧାୟକ ବେହେରା ସୂଚନା ଦେଇଥିଲେ। ପଞ୍ଚାୟତ ସମିତି ଅଧକ୍ଷା ମୀନାକ୍ଷୀ ଦାସ, ଜିଲା ପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ଆମ୍ବା ଅଧକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, କୃଷ୍ଣଚନ୍ଦ୍ର ଦାସ, ନରେନ୍ଦ୍ର ରାଉତରାୟ, ବାବାଜୀ ମହାନ୍ତି, ଜନ୍ମେଜୟ ଖିଲାର, ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର ଯେଠୀ, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ଶୁଭସ୍ମିତା ମଲ୍ଲିକ, ମମତା ମଲ୍ଲିକ, ତାପସ୍ୱି ସାହୁ ପ୍ରମୁଖ ଉପସ୍ଥିତ ରହି ହିତାଧିକାରୀଙ୍କୁ ସହାୟତା କରିଥିଲେ। ବିଡିଓ ଆଶୁତୋଷ ମିଶ୍ର ଓ ଅତିରିକ୍ତ ବିଡିଓ ଶାଶ୍ୱତ କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ।



ଅତିଥିମାନେ ମହିଳା ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି।

# ଗୋଚରଜମିର ସ୍ଥିତି ସମ୍ପର୍କରେ ସୂଚନା ଦେଲେନି ତହସିଲଦାର

କଟକ ସଦର,୨୫।୮ (ସୁଶାନ୍ତ କୁମାର ଜେନା)

କିଶନ ନଗର ତହସିଲ ଅନ୍ତର୍ଗତ କେଶ ନଗର ମୌଜାର ଏକ ଗୋଚର ପ୍ଲଟ ଉପରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି। ପ୍ରାୟ ୨୫ ଡିସିମିଲ ଜାଗାରେ ଏହି ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବାବେଳେ ଏହାର କିସମ ଏ ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇ ନାହିଁ। ତେଣୁ ଜମିର ସ୍ଥିତି ସମ୍ପର୍କରେ କୌଣସି ସୂଚନା ତାଙ୍କ ପାଖରେ ଉପଲବ୍ଧ ନାହିଁ ବୋଲି କିଶନ ନଗର ତହସିଲ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୮୮୪/୨୮।୬।୨୦୨୩ ରିଖରେ ଅବଗତ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଫାଇଲ ୨ଥର ତହସିଲ କାର୍ଯ୍ୟାଳୟକୁ ସ୍ପଷ୍ଟୀକରଣ ଦେବା ପାଇଁ ଆସିଲାଣି। କେଶ ନଗର ମୌଜାର ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ଖାତା ନଂ.୪୦୨ ପ୍ଲଟ ନଂ.୩୯ରୁ ୨୫ ଡିସିମିଲ ଗୋଚର ଜମିକୁ ଅସରଂକ୍ଷିତ କରି ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଦେବା ପାଇଁ କଟକ ସଦର ବିଡିଓ ଆବେଦନ କରିଥିଲେ। ମାତ୍ର ମୋଟ ୨ ଏକର ୨୩ ଡିସିମିଲ ଜମି ମଧ୍ୟରୁ ୨୫ ଡିସିମିଲ ଲିଜ ଦିଆଯାଇପାରିବ। ମାତ୍ର ଏହି ଜମିରୁ କିଛି ଅଂଶ ଅନ୍ୟ ଏକ ସରକାରୀ ସଂସ୍ଥା ଜବରଦଖଲରେ ରଖିଛି। ଏଭଳି ପରିସ୍ଥିତି ଆଉ ଲିଜ୍ ଦିଆଯାଇପାରିବ ନାହିଁ। ବଡ଼ ଅଫିସରମାନେ ବୁଝାଶୁଝା କରୁଥିବାରୁ ଏହା ଉପରେ କୌଣସି ମନ୍ତବ୍ୟ ଦେବା ପାଇଁ କିଶନ ନଗର ତହସିଲଦାର ମଧୁସୂଦନ ନାୟକ ମନା କରିଥିଲେ। କିନ୍ତୁ ଇତି ମଧ୍ୟରେ ସ୍ଥାୟୀ ନିର୍ମାଣ ଚାଲିଥିବା ଦେଖାଯାଉଛି।

# ରାପିଡ୍ ଆକ୍ସନ ଫୋର୍ସ ପକ୍ଷରୁ ଚାରା ରୋପଣ

ଚୌଦ୍ୱାର,୨୫।୮(ଆଶୁତୋଷ ଦାସ)

ଚୌଦ୍ୱାର ଥାନା ପରିସରରେ ଶୁକ୍ରବାର ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାଡ଼ଖଣ୍ଡ ଜାମସେଦପୁରର ୧୦୬ ବାଟାଲିୟନ୍ ରାପିଡ୍ ଆକ୍ସନ ଫୋର୍ସ ତରଫରୁ ଆୟୋଜିତ ଏହି ଜନସମ୍ପର୍କ କାର୍ଯ୍ୟକ୍ରମରେ ଡେପୁଟି କମାଣ୍ଡାଣ୍ଟ ଗୌତମ ମିତ୍ର, ଇନ୍ସପେକ୍ଟର ଦୁର୍ଗା ନେରଜାତି, ବରିଷ୍ଠ ନାଗରିକ ସୁକାନ୍ତ ମହାନ୍ତି, ଅବସରପ୍ରାପ୍ତ ପୋଲିସ ଅଫିସର ବାଳକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ଥାନା ପରିସରରେ ଚାରାରୋପଣ କରିଥିଲେ। ବାଟାଲିୟନ୍‌ର ୪୦ଜଣ ଯବାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଚୌଦ୍ୱାର ଥାନା ଆଇଆଇସି ସସ୍ମିତା ଖିଲାର, ଏସ୍‌ଆଇ ଦିଲୀପ ମର୍ଦ୍ଦରାଜ ଭୂୟାଁ, ମାନସ ମହାରଣା, ଚନ୍ଦ୍ରଶେଖର ଜେନା, ପବିତ୍ର ବେହେରା ପ୍ରମୁଖ ସହଯୋଗ କରିଥିଲେ।




ରାପିଡ୍ ଆକ୍ସନ ଫୋର୍ସ ପକ୍ଷରୁ ଚାରାରୋପଣ କରାଯାଉଛି।

# ୫ ଦାବି ନେଇ ଅଞ୍ଚଳବାସୀଙ୍କ ରାସ୍ତାରୋକୋ

- ଭାରିଯାନ ଯିବାବେଳେ ରାସ୍ତାରେ ଚକ ଦବିଗଲା
- କାରଖାନା କର୍ତ୍ତୃପକ୍ଷଙ୍କ ପ୍ରତିଶ୍ରୁତି ପରେ ରାସ୍ତାରୁ ହଟିଲେ

ଖୁଣ୍ଟୁଣୀ,୨୫।୮(ସଚ୍ଚିଦାନନ୍ଦ ପଣ୍ଡା)

ସ୍ଥାନୀୟ ଖମାରନୂଆଗାଁଠାରେ ସ୍ଥାପିତ ଏକ ସିମେଣ୍ଟ କାରଖାନାକୁ ଯାଉଥିବା ଏକ ଭାରିଯାନ ଗାଡ଼ି ଗୁରୁବାର ବିଳମ୍ବିତ ରାତିରେ ଗୁରୁଡ଼ିଝାଟିଆ ଡାକ୍ତରଖାନା ଛକ ଦେଇଯିବା ବେଳେ ଚକ ଦବିଯାଇଥିଲା। ଫଳରେ ପଛରେ ଆସୁଥିବା ଶହଶହ ଟ୍ରକ ଅଟକି ଜାମ ହୋଇଥିଲା। ସ୍ଥାନୀୟ ଲୋକ ଏହି ଘଟଣା ବିଷୟରେ ଜାଣିବା ପରେ ଉତ୍ତ୍ୟକ୍ତ ହୋଇ ଶୁକ୍ରବାର ସକାଳ ବିଭିନ୍ନ କାରଣକୁ ନେଇ ସକାଳ ୬ଟାରୁ ଅପରାହ୍ନ ୧ଟା ଏବଂ ଅପରାହ୍ନ ୪ ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦୀର୍ଘ ୧୨ ଘଣ୍ଟା ଓରନ୍ଦା- ଗୁରୁଡ଼ିଝାଟିଆ ରାସ୍ତା ଅବରୋଧ କରିଥିଲେ। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଭାରିଯାନ ଯାତାୟାତ କରିବାର ରାସ୍ତା ଖରାପ ହେବା, ଦବିଯିବା, ଅଞ୍ଚଳ ଦୂଷିତ ହେଉଛି। ତେଣୁ କାରଖାନା କର୍ତ୍ତୃପକ୍ଷ ତୁରନ୍ତ ରାସ୍ତା ମରାମତି କରିବା, ଓରନ୍ଦା ଗ୍ରାମରୁ ଖମାରନୂଆଗାଁ ପର୍ଯ୍ୟନ୍ତ ନୂତନ ଏକତରଫା ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ କରିବା, ରାସ୍ତାପାର୍ଶ୍ୱରେ କାରଖାନା ପର୍ଯ୍ୟନ୍ତ ବିଦ୍ୟୁତ୍‌ଲାଇଟ ଲଗାଇବା, ସ୍କୁଲ ଓ କଲେଜ ଯାତାୟାତବେଳେ ଭାରିଯାନ ଚଳାଚଳ ବନ୍ଦ ରଖିବା ଓ ସ୍ଥାନୀୟ ଅଞ୍ଚଳର ପାରିପାର୍ଶ୍ୱିକ ଉନ୍ନତି କରିବା ଭଳି ୫ଦଫା ସ୍ଥାନୀୟ କୋତର ଓ ଗୁରୁଡ଼ିଝାଟିଆ ଗ୍ରାମର ଲୋକେ ଦାବି କରିଥିଲେ। ଖବରପାଇ ଗୁରୁଡ଼ିଝାଟିଆ ଥାନା ଅଧିକାରୀ ସୁମନ୍ତ କିଷାନ, ଖୁଣ୍ଟୁଣୀ ଥାନା ଅଧିକାରୀ ଭବାନୀ ଶଙ୍କର ଖୁଣ୍ଟିଆ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଏସ୍‌ଆଇ ସଂଯୁକ୍ତା ଖିଲାର ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଇବାକୁ ଉଦ୍ୟମ କରିଥିଲେ। ହେଲେ ଦାବି ପୂରଣ ନହେବା ଯାଏ ରାସ୍ତାରୁ ହଟିବେ ନାହିଁ ବୋଲି ଉତ୍ତ୍ୟକ୍ତ ଲୋକେ ଜିଦ ଧରିବାରୁ ପୋଲିସ କାରଖାନାର ମାନବ ସମ୍ବଳ ଅଧିକାରୀ ସମୀର ମହାନ୍ତିଙ୍କୁ ଡକାଇ ଦୀର୍ଘ ସମୟ ଆଲୋଚନା ପରେ ମହାନ୍ତିଙ୍କ ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ହଟିଥିଲା। ଏହି କାରଖାନାକୁ ଉଭୟ ୫୫ ନମ୍ବର ଜାତୀୟ ରାଜପଥ ଉପରୁ ରାଧାକିଶୋରପୁର ଏବଂ ଓରନ୍ଦାଠାରୁ କମ୍ପାନୀକୁ ପ୍ରାୟ ୬୦/୭୦ ଟନ ଓଜନର କଞ୍ଚାମାଲ ପରିବହନ ହେବା ଦ୍ୱାରା ଏବେ ଏହି ରାସ୍ତା ସମ୍ପୂର୍ଣ୍ଣ ଭାବେ ବଡ଼ବଡ଼ ଖାଲଖମାର ବିପର୍ଯ୍ୟସ୍ତ ହୋଇପଡିଛି। ଏହି ରାସ୍ତା ଅବରୋଧରେ ସାମାଜିକ କର୍ମୀ ହୃଦାନନ୍ଦ ସାହାଣୀ, ସୁରେନ୍ଦ୍ର ପରିଡା, ସରପଞ୍ଚଙ୍କ ପ୍ରତିନିଧି ସନାତନ ଦଳେଇ, ଖବରଦାତା ଜ୍ଞାନରଞ୍ଜନ ସାହାଣୀ ଓ ମାନସ ପଣ୍ଡା ନେତୃତ୍ୱ ନେଇଥିଲେ।



ଗୁରୁଡ଼ିଝାଟିଆ ଡାକ୍ତରଖାନା ଛକ ନିକଟ ରାସ୍ତାରେ ଟ୍ରକ୍ ଚକ ଦବିଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଥାଇ ବକ୍ସିଂ ଆସୋସିଏଶନ ପକ୍ଷରୁ ୧୪ତମ ଜାତୀୟ ଥାଇବକ୍ସିଂ ଚାମ୍ପିୟନଶିପ, ଜବାହାର ଲାଲ ଭବନ, ପୋଖରୀପୁଟ, ସକାଳ ୮ଟା।
- ସ୍ପ୍ରିଙ୍ଗର ନେଚର ଗ୍ରୁପ ପକ୍ଷରୁ ସମ୍ମିଳନୀ, ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି, ଆଚାର୍ଯ୍ୟ ବିହାର, ସକାଳ ୯ଟା ୩୦।
- ଉତ୍କଳ ବିପନ୍ନ ସହାୟତା ସମିତି ପକ୍ଷରୁ ଦୁଇଦିନିଆ କର୍ମଶାଳାର ଉଦ୍‌ଘାଟନ, ସମିତି ପରିସର, ସେବା ପ୍ଲଟନଂ.୪୧, ସେକ୍ଟର ଏ, ଜୋନ-ଡି, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ ଏରିଆ, ପୂର୍ବାହ୍ନ ୧୦ଟା।
- ରିଜିଓନାଲ ସାଇନ୍ସ ସେଣ୍ଟର ପକ୍ଷରୁ ମହିଳା ସମାନତା ଦିବସ ପାଳନ, ସେଣ୍ଟର ପରିସର, ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଆଚାର୍ଯ୍ୟ ବିହାର, ପୂର୍ବାହ୍ନ ୧୦ଟା ୩୦।
- ଆଶା କିରଣ ଫାଉଣ୍ଡେଶନ ପକ୍ଷରୁ ମଦର ଟେରେସା ଜୟନ୍ତୀ ସମାରୋହ, ଲୋହିଆ ଏକାଡେମୀ, ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ସମ୍ମିଳନୀ, ଭାରତୀୟ ମଜଦୁର ସଂଘ କାର୍ଯ୍ୟାଳୟ, ଭିଏ-୨୩/୩, ୟୁନିଟ-୨, ପୂର୍ବାହ୍ନ ୧୧ଟା।
- କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଡ.ରବିନାରାୟଣ ଦାଶଙ୍କ ପଞ୍ଚଦଶ ବାର୍ଷିକ ଶ୍ରାଦ୍ଧୋତ୍ସବ, କେଦାରଗୌରୀ ମାର୍ଗ, ସନ୍ଧ୍ୟା ୬ଟା।
- ଚିନ୍ତା ଓ ଚେତନା ଅନୁଷ୍ଠାନ ପକ୍ଷରୁ ୪୬ତମ ଜାତୀୟ ବର୍ଷା ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।
- କେତକୀ ବୁକ୍ସ ପକ୍ଷରୁ 'ନିରୂପମା ଦେବୀ' ପୁସ୍ତକ ଉନ୍ମୋଚନ, ହୋଟେଲ ନ୍ୟୁ ମାରିଅନ, ସନ୍ଧ୍ୟା ୬ଟା ୩୦।

**କଟକ**

- ହାଇକୋର୍ଟ ଜୁଭେନାଇଲ ଜଷ୍ଟିସ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଜୁଡିସିଆଲ ଏକାଡେମୀ, ସକାଳ ୯ଟା ୩୦।
- ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ଅଧ୍ୟୟନ ଅନୁଷ୍ଠାନ ପକ୍ଷରୁ କ୍ରାନ୍ତିତୀର୍ଥ ଉଦ୍‌ଯାପନୀ ସମାରୋହ, ଜେ.ଏନ୍. ଇନ୍‌ଡୋର୍ ଷ୍ଟାଡିୟମ, ପୂର୍ବାହ୍ନ ୧୧ଟା।

## ଚୋରି ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ, ୬ମାସ ଜେଲ

**ଭୁବନେଶ୍ୱର,୨୫।୮ (ସୂର୍ଯ୍ୟକାନ୍ତ ବେହେରା):** ଏକ ଚୋରି ମାମଲାର ଶୁଣାଣି କରି ଭୁବନେଶ୍ୱର ପ୍ରଥମ ଶ୍ରେଣୀ ବିଚାରପତି (ଜେଏମ୍ଏଫ୍‌ସି)-୫ଙ୍କ କୋର୍ଟ ଶୁକ୍ରବାର ସମ୍ପୃକ୍ତ ଅଭିଯୁକ୍ତ ପିଣ୍ଟୁ ନାୟକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୩ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ଦସ୍ତାବିଜକୁ ଆଧାର କରି ପିଣ୍ଟୁଙ୍କୁ ୬ ମାସର ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି ବିଚାରପତି ସବ୍ୟସାଚୀ ପଣ୍ଡା। ସୂଚନାନୁସାରେ, ୨୬ ଜୁନ ୨୦୨୨ ପୂର୍ବାହ୍ନ ୧୧ଟାରେ ଅଭିଯୁକ୍ତ ପିଣ୍ଟୁ ସାଇକେଲଟିକୁ ଚୋରି କରି ସାଇରମ ବସ୍ତି,ଏନସିସି ଅଫିସ ଫାଟକ ପଳାସପଲ୍ଲୀ ସମ୍ମୁଖରେ ବିକିବା ପାଇଁ ଏକ ଗ୍ରାହକକୁ ଅପେକ୍ଷା କରିଥିଲେ। ଏହି ସମୟରେ ପୋଲିସକୁ ଦେଖି ସେଠାରୁ ପଳାଇ ଯିବାକୁ ଚେଷ୍ଟା କରୁଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ଜବତ ସାଇକେଲ ସହ ପିଣ୍ଟୁଙ୍କୁ ଥାନାକୁ ଅଣାଯାଇଥିଲା। ଏନେଇ ଏଏସଆଇ ବୈକୁଣ୍ଠ ନାଥ ବେହେରାଙ୍କ ଅଭିଯୋଗ ଆଧାରରେ ଏୟାରପୋର୍ଟ ଥାନାରେ ଏକ ମାମଲା ନଂ. ୧୯୮/୨୦୨୨ ରୁଜୁ ହୋଇଥିଲା। ଏହି ମାମଲାରେ ସହକାରୀ ପି.ପି.ନିରଞ୍ଜନ ବେହେରା ମକଦମା ପରିଚାଳନା କରୁଥିଲେ।



ପୁରୀ ରେଳ ଷ୍ଟେଶନ ସମ୍ମୁଖରେ ଥିବା ସ୍ମାରକୀ ଜାତୀୟ ପତାକା ଚିରି ଯାଇଥିଲା। ଗଣମାଧ୍ୟମରେ ଏହି ଖବର ପ୍ରକାଶ ପରେ ଶୁକ୍ରବାର ଚିରା ପତାକା ହଟାଯାଇ ନୂତନ ପତାକା ଲଗାଯାଇଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଚିନ୍ତା ଓ ଚେତନାର ବର୍ଷା ମହୋତ୍ସବରେ ସମ୍ବର୍ଦ୍ଧିତ ନୃତ୍ୟଗୁରୁଙ୍କ ସହ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଓ ଅନ୍ୟମାନେ। (ଫଟୋ-ମୌସମ ନନ୍ଦ)

# 'ଚିନ୍ତା କଲେ ଚେତନା ଆସିବ'

### ୪୬ତମ ବର୍ଷା ଉତ୍ସବ ଆରମ୍ଭ

### ଓଡ଼ିଶୀର ତାଳେ ତାଳେ ବର୍ଷାକୁ ସ୍ୱାଗତ କଲେ ଗୁରୁ ସୁଜାତା

**ଭୁବନେଶ୍ୱର,୨୫।୮ (ଶର୍ମିଷ୍ଠା ପାଣିଗ୍ରାହୀ)**

ଚିନ୍ତା ଓ ଚେତନାର ୪୬ତମ ବର୍ଷା ମହୋତ୍ସବ ଶୁକ୍ରବାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି, ଦୀର୍ଘ ୪୬ବର୍ଷ ଧରି ବର୍ଷା, ବୈଶାଖ, ବସନ୍ତ ଭଳି ଋତୁକୁ କାର୍ଯ୍ୟକ୍ରମ ମାଧ୍ୟମରେ ଦର୍ଶକଙ୍କ ପାଖେ ଅନୁଷ୍ଠାନ ପହଞ୍ଚାଉଛି। ସମସ୍ତେ ମିଶି ଓଡ଼ିଶାରେ ନୂଆ ଯୁଗ ଆଣିବା। ଲୋକେ ଚିନ୍ତା କରିବେ। ତା'ହେଲେ ଯାଇ ଚେତନା ଆସିବ ବୋଲି ସେ ପ୍ରକାଶ କରିଥିଲେ। ଅନୁଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା ବିଧାୟକ ଶଶିଭୂଷଣ ବେହେରା, ରାଜ୍ୟ ସଭାପତି ସହଦେବ ସାହୁ, ମହାସଚିବ ସୁରେନ୍ଦ୍ର ଦାସ, ନୂତନ ସଦସ୍ୟ ପ୍ରତ୍ୟୁଷ ସୁବୁଦ୍ଧି, ସଂଯୋଜିକା ଡ. ବିଜୟା ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ, ଜାତୀୟ ଅଧ୍ୟକ୍ଷା ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ ଓ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ପୂର୍ବକ ସ୍ମୃତିଚାରଣ କରିଥିଲେ।

ପରେ ଗୁରୁ ସୁଜାତା ମହାପାତ୍ରଙ୍କ ନୃତ୍ୟରୁ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୃତ୍ୟରେ ସେ ବର୍ଷାକୁ ସ୍ୱାଗତ କରିଥିଲେ। ମଙ୍ଗଳାଚରଣ ଓ ପରେ 'ବର୍ଷା ବି ତାନରୁ', ମେଘ ମହ୍ଲାରର ତାଳେତାଳେ ଗୁରୁ କେଳୁଚରଣ ମହାପାତ୍ରଙ୍କ ନୃତ୍ୟ ସଂରଚନା ଓ ନିର୍ଦ୍ଦେଶନାରେ ମେଘକୁ ଆମନ୍ତ୍ରିତ କରିଥିଲେ ଗୁରୁ ସୁଜାତା। ମେଘକୁ ପଶୁପକ୍ଷୀ, ବୃକ୍ଷଲତା, ବଣପର୍ବତ, ନଦୀଝରଣା, ସମୁଦ୍ର ଓ ଅନନ୍ତ ଆକାଶର ଇନ୍ଦ୍ରଧନୁରେ ଜୀବନ୍ତ କରି ତୋଳି ଧରିଥିଲେ ଓଡ଼ିଶୀର ଶାସ୍ତ୍ରୀୟ ଲାସ୍ୟ ଓ ଲାଳିତ୍ୟ ମଧ୍ୟରେ। ଚକମକ ବିଜୁଳି ଆଲୋକ ସହ ଘଡ଼ଘଡ଼ି ନାଦରେ ସୁଜାତାଙ୍କ ଭାବ, ନୃତ୍ୟରେ ବାନ୍ଧି ହୋଇଯାଇଥିଲେ ଦର୍ଶକ। ସଙ୍ଗୀତ ନିର୍ଦ୍ଦେଶନାରେ ପଣ୍ଡିତ ଭୁବନେଶ୍ୱର ମିଶ୍ର ରହିଥିଲେ। ପରେ ବର୍ଷାକୁ ଓଡ଼ିଶୀ ଛନ୍ଦରେ ଏକକ ନୃତ୍ୟରେ ତୋଳି ଧରିଥିଲେ ସୁଶ୍ରୀ ସୁଚିସ୍ମିତା ସାହୁ। ନୃତ୍ୟ ସଂରଚନା ପଦ୍ମଶ୍ରୀ ଅରୁଣା ମହାନ୍ତି କରିଥିବାବେଳେ ଗୁରୁ ପ୍ରଭାତ କୁମାର ସ୍ୱାଇଁ ନିର୍ଦ୍ଦେଶନା ଦେଇଥିଲେ। ସଙ୍ଗୀତ ଓ ବାଦ୍ୟ ନିର୍ଦ୍ଦେଶନାରେ ଯଥାକ୍ରମେ ଗୁରୁ ବିଜୟ କୁମାର ଜେନା ଓ ବିଜୟ ବାରିକ ରହିଥିଲେ। ଏହାପରେ କଟକର ଆଙ୍ଗିକ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଗୁରୁ ଶ୍ରାବଣୀ ମିଶ୍ରଙ୍କ ନିର୍ଦ୍ଦେଶନା, ଗୁରୁ ଡ. ସ୍ୱପ୍ନେଶ୍ୱର ଚକ୍ରବର୍ତ୍ତୀଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଭୋଜପୁରୀ ଭାଷାରେ ରଚିତ ବର୍ଷାକୁ ତୋଳିଧରିଥିଲେ ନୃତ୍ୟାଙ୍ଗନାମାନେ। ମଲ୍ଲିକା ମିଶ୍ର, କେ.ସ୍ନେହା ତେଜେଶ୍ୱରୀ ଆଚାର୍ଯ୍ୟ, ଲିଖିତା ଜେନା, ଭକ୍ତି ରାମ୍, ଅନ୍ୱେଷା ମହାନ୍ତି, ଅଙ୍କିତା ଦାସ, ଆୟୁଷୀ ରାୟ, ତନୀସା ବିଶ୍ୱାସ, ରୋସନୀ ସରକାର, ସୁପ୍ରତୀକ ପ୍ରମୁଖ ସୁନ୍ଦର ଢଙ୍ଗରେ ନୃତ୍ୟକୁ ଉପସ୍ଥାପନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଓଡ଼ିଶାର ଏକ ବିଲୁପ୍ତ ପ୍ରାୟ ଥାଳି ନୃତ୍ୟ ପରିବେଷିତ କରାଯାଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହାର ମିଡିଆ ପାର୍ଟନର୍ ରହିଥିବାବେଳେ ଆଗାମୀ ଦୁଇଦିନ ଧରି ବହୁ ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।



ନୃତ୍ୟଗୁରୁ ସୁଜାତା ମହାପାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।



**ଆସୁଛି ରାଖୀ ପୂର୍ଣ୍ଣିମା:** ଶୁକ୍ରବାର ମହାପ୍ରଭୁଙ୍କ ପାଇଁ ପାଟରା ବିଶୋଇ ପାଟ ରାଖୀ ପ୍ରସ୍ତୁତ କରୁଛନ୍ତି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

## ବିଏସ୍‌ସିଏଲ୍‌କୁ ଶ୍ରେଷ୍ଠ ଜୋନାଲ ସ୍ମାର୍ଟ ସିଟି ପୁରସ୍କାର

**ଭୁବନେଶ୍ୱର,୨୫।୮ (ଅଭିଜିତ ଦାସ)**

ସ୍ମାର୍ଟସିଟି ପୁରସ୍କାର ପ୍ରତିଯୋଗିତାରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ୨୦୨୨ ପାଇଁ ଶ୍ରେଷ୍ଠ ଜୋନାଲ ସ୍ମାର୍ଟସିଟି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛି। ଆସନ୍ତା ସେପ୍ଟେମ୍ବର ୨୭ରେ ମଧ୍ୟପ୍ରଦେଶ ଇନ୍ଦୋରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଏସ୍‌ସିଏଲ୍‌କୁ ସମ୍ବର୍ଦ୍ଧିତ କରିବେ ବୋଲି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। କେନ୍ଦ୍ର ଗୃହ ଓ ନଗର ଉନ୍ନୟନ ବ୍ୟାପାର ମନ୍ତ୍ରଣାଳୟର ସୂଚନାନୁସାରେ, ସ୍ମାର୍ଟସିଟି ପୁରସ୍କାର ବର୍ଗରେ ୮୦ଟି ଯୋଗ୍ୟ ସ୍ମାର୍ଟସିଟିକୁ ଚୟନ କରାଯାଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ ପ୍ରି-ସ୍କ୍ରିନିଂ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସ୍ମାର୍ଟସିଟି ମିଶନର ଆପେକ୍ସ କମିଟି ପକ୍ଷରୁ ୬୬ଟି ଯୋଗ୍ୟ ସ୍ମାର୍ଟସିଟିକୁ ପୁରସ୍କାର ପାଇଁ ଚୟନ କରିଥିବା ସୂଚନା ଦିଆଯାଇଛି। ସ୍ମାର୍ଟ ସିଟି ମିଶନ ୨୦୧୫ ଜୁନ୍ ୨୫ରେ ଆରମ୍ଭ ହୋଇଥିଲା। ଏହା ମାଧ୍ୟମରେ ଦେଶର ୧୦୦ ସହରରେ ଭିତ୍ତିଭୂମି ବଢାଇବା, ସହରକୁ ସ୍ୱଚ୍ଛ କରିବା ତଥା ନାଗରିକଙ୍କୁ ଏକ ଉତ୍ତମ ଜୀବନଶୈଳୀ ପାଇଁ ସ୍ମାର୍ଟ ସମାଧାନର ବ୍ୟବସ୍ଥା କରାଯାଇଥିଲା।

## ରବିବାର ଜୀ ସାର୍ଥକରେ ଧାରା-ଅମ୍ବରଙ୍କ ବିବାହ ମହୋତ୍ସବ

**ଭୁବନେଶ୍ୱର,୨୫।୮ (ଶର୍ମିଷ୍ଠା ପାଣିଗ୍ରାହୀ)**



ଜୀ-ସାର୍ଥକରେ ଆସନ୍ତା ରବିବାର ସନ୍ଧ୍ୟା ୬ଟାରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି ଲୋକପ୍ରିୟ ଯୋଡ଼ି ଧାରା-ଅମ୍ବର। ଧାରାବାହିକ 'ସାଥିରେ'ର ଏହି ଯୋଡ଼ିଙ୍କ ବିବାହ ଭବ୍ୟ ସମାରୋହରେ ଆୟୋଜିତ ହେଉଛି। ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ କହିଛନ୍ତି, ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ତାଙ୍କ ମନୋରଞ୍ଜନ ଜାରି ରଖିଛୁ। ବିବାହ ମହୋତ୍ସବ ପାଳନରେ ଆମ ଚ୍ୟାନେଲ ସବୁବେଳେ ଆଗରେ। ତେଣୁ ଅମ୍ବର ଓ ଧାରାଙ୍କ ଶୁଭ ବିବାହ ଆମେ ପାଳନ କରିବୁ ଖୁବ ଧୂମଧାମରେ ଓ ପାରମ୍ପରିକ ଓଡିଆ ସମାଜରେ ହେଉଥିବା ବାହାଘର ପରି। ପୂରା ଜୀ ସାର୍ଥକ ପରିବାର ସେଦିନ ଏକାଠି ହେବେ କେବଳ ଏହି ୨ ଜଣଙ୍କ ବାହାଘର ପାଇଁ। ମେଗା ଧାରାବାହିକର ଅଭିନେତ୍ରୀ, ଅଭିନେତାଙ୍କ ସହ ବହୁ ଲୋକପ୍ରିୟ କଳାକାର ମଧ୍ୟ ଏହି ବର୍ଣ୍ଣାଢ୍ୟ ଉତ୍ସବକୁ ନିମନ୍ତ୍ରିତ ହୋଇଛନ୍ତି। ଏହି ବାହାଘରରେ ତାରିକ ଅଜିଜ ଓ ବିଷ୍ଣୁପ୍ରିୟାଙ୍କ ଦମଦାର୍ ପ୍ରଦର୍ଶନ ସମସ୍ତଙ୍କୁ ନାଚିବାକୁ ବାଧ କରିବ ଓ ପୂରା ନାଚ ଗୀତ ସହିତ ପାରିବାରିକ ମିଳନ ହେବ କେବଳ ଜୀ-ସାର୍ଥକରେ। ସମସ୍ତ ଦର୍ଶକଙ୍କୁ ସାଦର ନିମନ୍ତ୍ରଣ ଓ ସମସ୍ତେ ରବିବାର ସନ୍ଧ୍ୟା ୬ଟାରେ ଆମ ସହିତ ରହିବେ ବୋଲି ଆଶା ପ୍ରକାଶ କରିଛନ୍ତି ଜୀ ସାର୍ଥକ ବିଜ୍‌ନେସ ହେଡ ପ୍ରତୀକ ସିଲ।



ସ୍ଥାୟୀ ନିଯୁକ୍ତି ଦାବିରେ ମନରେଗା ସଂଯୋଜକ (ଏମ୍‌ସି) ଓ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ (ଏପିଓ)ମାନେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା ଦେଇଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅନାମ



@ ହରିପ୍ରସାଦ



@ ଅମିଶ



@ ଅତିଶ



@ ଗିରୀଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ଚିତ୍ତରଞ୍ଜନ ଦାସଙ୍କ ଶତବାର୍ଷିକୀ ଆଲୋଚନାଚକ୍ର




**ଭୁବନେଶ୍ୱର, ୨୫।୮ (ବନ୍ଦନା ସେଠୀ)**

ବିଶ୍ୱଭାରତୀ ଓଡ଼ିଆ ବିଭାଗରେ ପ୍ରାବନ୍ଧିକ ଚିତ୍ତରଞ୍ଜନ ଦାସଙ୍କ ଶତବାର୍ଷିକୀ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ଦାସ ଶତବାର୍ଷିକୀ ପାଳନ କମିଟି ଏବଂ ଓଡ଼ିଆ ବିଭାଗ ଶାନ୍ତିନିକେତନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଭାଷାଭବନର ଅଧ୍ୟକ୍ଷ ପ୍ରଫେସର ସବିତା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସଞ୍ଚାଳକ ପ୍ରଫେସର ମନୋରଞ୍ଜନ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଭାରତ ଭୂଷଣ ମହାନ୍ତି ଚିତ୍ତରଞ୍ଜନ ଦାସଙ୍କ ସାହିତ୍ୟିକ, ଶିକ୍ଷକ ଓ ଦାର୍ଶନିକ ବ୍ୟକ୍ତିତ୍ୱ ସମ୍ପର୍କରେ ମତ ରଖିଥିଲେ। ଏଥିସହ ଶାନ୍ତିନିକେତନ ସହିତ ଚିତ୍ତରଞ୍ଜନଙ୍କ ନିବିଡ଼ ସମ୍ପର୍କ ଉପରେ କହିଥିଲେ। ଛାତ୍ର ସମ୍ପାଦକ ବିଶ୍ୱରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପ୍ରଭାତ ମଲ୍ଲିକଙ୍କ ସଭପତିତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନରେ ଡ. ପ୍ରମିଳା ପାଟ୍ଟଲିଆ, ଡ. ରବୀନ୍ଦ୍ର କୁମାର ଦାସ, ଡ. ଇନ୍ଦ୍ରମଣି ସାହୁ ଓ ଡ. ନଗେନ ଦାସ ପ୍ରବନ୍ଧ ପାଠ କରିଥିଲେ। ନୂତନ ଦୃଷ୍ଟିକୋଣରୁ ପ୍ରତ୍ୟେକଟି ଲେଖାକୁ ପ୍ରଶଂସା କରିବା ସହ ଏହାର ପ୍ରକାଶ ପାଇଁ ଶତବାର୍ଷିକୀ କମିଟି ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି ସଭାପତି ମତ ଦେଇଥିଲେ। ସମ୍ପାଦକ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

